

# ଭୁବନେଶ୍ୱର ସିଟି

## ଧୁ ଧୁ ଖରାବେଳେ...





ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅସ୍ତବ୍ୟସ୍ତ ହୋଇପଡ଼ିଛନ୍ତି ରାଜଧାନୀବାସୀ

● ମହଙ୍ଗା ପଡ଼ିଲା ଡେଟିଂ ଆପରେ ସମ୍ପର୍କ

## ଦେଖା କରିବାକୁ ଡାକି ପିଟିଲେ, ଲୁଟିଲେ

**ଜଣେ ଗିରଫ; ବାକି ୭ ଫେରାର**



ଭୁବନେଶ୍ୱର, ୨୧।୫ (ସମିସ): ଡେଟିଂ ଆପରେ ସମ୍ପର୍କ ଯୋଡ଼ିବା ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଦେଖାକରିବାକୁ ଡାକି ଆକ୍ରମଣ କରିବା ସହ ଟଙ୍କା ଓ ସୁନା ଚେନ ଲୁଟି ନେଇଛନ୍ତି। ଆଇଆରସି ଭିଲେଜ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ଚିକୁନ ବେହେରା (୨୨)। ପୁଲିସ ସୂଚନା ଅନୁସାରେ, ଜ୍ଞାନରଞ୍ଜନ ରାଉତ ଡେଟିଂ ଆପ୍ ଇନଷ୍ଟଲ୍ କରିଥିବା ବେଳେ ରାଜୀବ ନାୟକ 'ୟୋର୍ ମଞ୍ଜୁ' ନାମରେ ଏକ ନକଲି ପ୍ରୋଫାଇଲରେ ଝିଅର ନକଲି ଚିତ୍ର ବ୍ୟବହାର କରି ତାଙ୍କୁ ଯୋଗାଯୋଗ କରିଥିଲା। ଇନଷ୍ଟାଗ୍ରାମ ସହିତ ଲିଙ୍କ୍ ହୋଇଥିବା ଏହି ଡେଟିଂ ଆପ୍ଲିକେସନ୍ ମାଧ୍ୟମରେ ଜ୍ଞାନଙ୍କୁ ଦେଖା କରିବାକୁ ଡାକିଥିଲେ। ଜ୍ଞାନ ତାର କଥାରେ ବିଶ୍ୱାସ କରି ଆଇଆରସି ଭିଲେଜକୁ ଆସିଥିଲେ। ସେଠାରେ ପହଞ୍ଚିବା ପରେ ରାଜୀବ, ଆର୍ଯ୍ୟନ, ସନ୍ଦୀପ, ଚିକୁନ ସମେତ ୭ ଜଣ ତାଙ୍କୁ ଘେରି ଯାଇ ଆକ୍ରମଣ କରିବା ସହ ଭିଡିଓ ରେକର୍ଡିଂ କରିଥିଲେ। ଅଭିଯୁକ୍ତମାନେ ଜ୍ଞାନଙ୍କ ଠାରୁ ୧୨ ହଜାର ଟଙ୍କା ଓ ଗୋଟିଏ ସୁନା ଚେନ୍ ଛିଣ୍ଡାଇ ନେଇ ଯାଇଥିଲେ। ଏଥିସହିତ ଫୋନ୍-ପେ ମାଧ୍ୟମରେ ୩୦ ହଜାର ଟଙ୍କା ନେଇ ଯାଇଥିଲେ। ଜ୍ଞାନଙ୍କୁ କ୍ୟାମେରା ସାମ୍ନାରେ ମିଛ ବୟାନ ଦେବାକୁ ବାଧ କରିଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ଜ୍ଞାନରଞ୍ଜନ ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଚିକୁନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅଷ୍ଟ୍ରେଲିଆରେ ଭାରତୀୟ ସଂସ୍କୃତିର ପ୍ରଚାର କରୁଛନ୍ତି ଓଡ଼ିଆ ଝିଅ



ଭୁବନେଶ୍ୱର, ୨୧।୫(ସମିସ): ଅଷ୍ଟ୍ରେଲିଆରେ ରହି ଭାରତୀୟ ନୃତ୍ୟ ଓ ସଂସ୍କୃତିକୁ ବିଶ୍ୱ ମଞ୍ଚରେ ପରିଚିତ କରାଉଛନ୍ତି ନୃତ୍ୟଶିଳ୍ପୀ ଓ ନୃତ୍ୟ ନିର୍ଦ୍ଦେଶିକା ଦେବଶ୍ରୀ ଦାସ। 'ନୃତ୍ୟଶ୍ରୀ ଡ୍ୟାନ୍ସ ଏକାଡେମୀ' ମାଧ୍ୟମରେ ସେ ଯୁବ ପ୍ରତିଭାମାନଙ୍କୁ ନୃତ୍ୟ ଶିକ୍ଷା ଦେଇ ସାଂସ୍କୃତିକ ମୂଲ୍ୟବୋଧକୁ ଆଗକୁ ନେଇଯାଉଛନ୍ତି। ସିଡନୀର ଆଇସିସି ଥିଏଟର ସହିତ ଅନେକ ବହୁସାଂସ୍କୃତିକ ମଞ୍ଚରେ ସେ ଭାରତୀୟ କଳାର ପ୍ରତିନିଧିତ୍ୱ କରିଛନ୍ତି। ତାଙ୍କ ଏକାଡେମୀର ସଫଳତା 'ପ୍ୟାସନ ଥରୋ ଡ୍ୟାନ୍ସ' ନାମକ ପ୍ରତିଷ୍ଠିତ କଫି ଟେବୁଲ ବୁକରେ ସ୍ଥାନ ପାଇଛି। ଦେବଶ୍ରୀ ଦାସଙ୍କୁ ଗ୍ଲୋବାଲ ୱମେନ ଇମ୍ପାକ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିବା ବେଳେ, ତାଙ୍କ ଏକାଡେମୀ ସ୍ଥାନୀୟ ବ୍ୟବସାୟ ପୁରସ୍କାରରେ ଫାଇନାଲିଷ୍ଟ ଭାବେ ମାନ୍ୟତା ପାଇଛି। ନୃତ୍ୟ ପ୍ରତି ତାଙ୍କର ଆଗ୍ରହ, ପରିଶ୍ରମ ଓ ଭାରତୀୟ ସଂସ୍କୃତି ପ୍ରତି ସମର୍ପଣ ଆଜି ଅନେକଙ୍କ ପାଇଁ ପ୍ରେରଣା ପାଲଟିଛି।

## ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ



ଭୁବନେଶ୍ୱର, ୨୧।୫(ସମିସ): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରାଯାଇଛି। ଭୁବନେଶ୍ୱରରେ ଘଟିଥିବା ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, କନ୍ଧମାଳ ଜିଲ୍ଲା ବାଲିଗୁଡ଼ାର ଆନନ୍ଦେଶ୍ୱର ନାୟକ (୨୨)।

ପୁଲିସ ସୂଚନାନୁସାରେ, ଜଣେ ନାବାଳିକା ପରିବାର ସହ କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ରୁହନ୍ତି। ଗତ ମାସ ଶେଷ ସପ୍ତାହରେ ଆନନ୍ଦେଶ୍ୱର ନାବାଳିକାକୁ ଅପହରଣ କରି ନେଇ ଯାଇଥିଲା। ମନ୍ଦିରରେ ବିବାହ କରିବା ସହ ନିଜ ସମ୍ପର୍କୀୟଙ୍କ ଘରେ ରଖିଥିଲା। ସେଠାରେ ରହଣି ମଧ୍ୟରେ ନାବାଳିକାକୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ନାବାଳିକା ଜଣକ ବିରୋଧ କରିଥିଲେ ମଧ୍ୟ ସେ ଶୁଣି ନଥିଲା। ସେପଟେ ନାବାଳିକାକୁ ନପାଇ ପରିବାର ଲୋକେ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମାମଲା ରୁଜୁ କରିଥିଲେ ମଧ୍ୟ ନାବାଳିକାର ପତ୍ତା ପାଇନଥିଲା।

ନିକଟରେ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଆନନ୍ଦେଶ୍ୱରକୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀମାଇନା କରିବା ସହ ନାବାଳିକାର ବୟାନ ରେକର୍ଡ କରିଥିଲା ପୁଲିସ। ଆନନ୍ଦେଶ୍ୱର ତାଙ୍କୁ ଅପହରଣ କରିବା ପରେ ଦୁଷ୍କର୍ମ କରିଥିଲା ବୋଲି ନାବାଳିକା ତାଙ୍କ ବୟାନରେ କହିଥିଲେ। ଆରମ୍ଭରୁ ୧୩୭(୨) ଓ ୮୭ ବିଏନ୍ଏସରେ ମାମଲା ରୁଜୁ କରିଥିବା ପୁଲିସ ନାବାଳିକାର ବୟାନ ରେକର୍ଡ ପରେ ପୋକ୍ସୋ ଆକ୍ଟ ଲଗାଇଥିଲା। ପ୍ରାଥମିକ ତଦନ୍ତ ପରେ ଆଜି ଆନନ୍ଦେଶ୍ୱରକୁ କୋର୍ଟ ଚାଲାଣ କରିଛି।

## କଳା ମନ୍ଦିରର ସ୍ୱତନ୍ତ୍ର ରଜ ଉତ୍ସବ କଲେକ୍ସନର ସମ୍ଭାର

ଭୁବନେଶ୍ୱର, ୨୧।୫(ସମିସ): ରଜ ଉତ୍ସବକୁ ଦୃଷ୍ଟିରେ ରଖି କଳାମନ୍ଦିର ପକ୍ଷରୁ ନୂତନ ଉତ୍ସବ କଲେକ୍ସନର ସମ୍ଭାର ଅଣାଯାଇଛି। ଏହି ରଜ ଋତୁରେ କଳାମନ୍ଦିର ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଶାଢି, ଡ୍ରେସ୍ ମ୍ୟାଟେରିଆଲ ଓ ରେଡିମେଡ ପୋଷାକର ଏକ ସ୍ୱତନ୍ତ୍ର ସଂଗ୍ରହ ପ୍ରଦର୍ଶନ କରୁଛି।




ଉତ୍ସବ କଲେକ୍ସନ ସହିତ କଳାନ୍ଦିରରେ ବିବାହ ପାଇଁ ମଧ୍ୟ ଆକର୍ଷଣୀୟ ମ୍ୟାରେଜ କଲେକ୍ସନ ଉପଲବ୍ଧ ରହିଛି ଯାହା ଏହି ସ୍ଥାନକୁ ବିବାହ କିଣାକିଣି ଓ ଉତ୍ସବ ଅବସର ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରିଣତ କରିଛି। ଅରାମଦାୟକତା ସହ ଉତ୍ସବର ଗ୍ଲାମରସ ଷ୍ଟାଇଲିସ୍ ଲୁକ୍‌ର ପୋଷାକଗୁଡିକ ନୂତନ ଫ୍ୟାସନ୍ ବ୍ରାଣ୍ଡକୁ ଖୋଜୁଥିବା କ୍ରେତାମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ପରିବର୍ତ୍ତିତ ଫ୍ୟାସନ୍ ଟ୍ରେଣ୍ଡ ଅନୁଯାୟୀ ନିରନ୍ତର ନୂତନ କଲେକ୍ସନ ଆଣିବା ସହିତ ଗୁଣବତ୍ତା ଓ ସୁଲଭ ମୂଲ୍ୟ ବଜାୟ ରଖିବାରେ କଳାମନ୍ଦିର ସବୁବେଳେ ପ୍ରଶଂସିତ ହୋଇଆସୁଛି। ଏହାର ଗ୍ରାହକ ଅନୁକୂଳ ସେବା ଓ ବିଶାଳ ସଂଗ୍ରହ ସାରା ଓଡ଼ିଶାର ପରିବାରମାନଙ୍କର ଆସ୍ଥା ଅର୍ଜନ କରିପାରିଛି। ରଜ ଉତ୍ସବକୁ ଆହୁରି ରଙ୍ଗୀନ ଓ ସ୍ମରଣୀୟ କରିବା ପାଇଁ କଳାମନ୍ଦିର ପକ୍ଷରୁ ସମସ୍ତଙ୍କୁ ନୂତନ କଲେକ୍ସନର ପରିଦର୍ଶନ କରିବା ଓ ଆକର୍ଷଣୀୟ କିଣାକିଣିର ଅନୁଭୂତି ନେବାକୁ ଆମନ୍ତ୍ରଣ କରାଯାଉଛି।

## ତିନି ମଦୁଆଙ୍କ ପାଇଁ ପୁଲିସ ନୟାନ୍ତ

ଭୁବନେଶ୍ୱର, ୨୧।୫ (ସମିସ): ମଦୁଆଙ୍କ ପାଇଁ ନୟାନ୍ତ ହୋଇଛି ନୂଆପଲ୍ଲୀ ଥାନା ପୁଲିସ। ଅପହରଣ ଅଭିଯୋଗର ତଦନ୍ତ କରି ବାଲି ଗଦାରୁ ନିଶାସକ୍ତ ଅବସ୍ଥାରେ ଶ୍ରମିକଙ୍କୁ ଉଦ୍ଧାର କରିଛି। ପୂରା ଘଟଣା ଥିଲା ଏମିତି, ଭଦ୍ରକ ଜିଲ୍ଲା ବାଂଶଡା ଥାନା ଜଶିପୁର ଗ୍ରାମର ରମେଶ ବେହେରା, ବିହାରର ସୁଶିଲ କୁମାର ମିଶ୍ର ଓ ନାନ୍ତୁନ କୁମାର ଜୟଦେବ ବିହାର ସ୍ଥିତ ଏକ ନିର୍ମାଣାଧୀନ କୋଠାରେ ଶ୍ରମିକ ଭାବେ କାମ କରୁଥିବା ବେଳେ ସେହିଠାରେ ହିଁ ରହୁଛନ୍ତି। ବୁଧବାର ସନ୍ଧ୍ୟାରେ ରମେଶ, ସୁଶିଲ ଓ ନାନ୍ତୁନ ମିଶି ଆଇଡି ମାର୍କେଟ ଯାଇଥିଲେ। ଫେରିବା ବେଳକୁ ହଠାତ୍ ସୁଶିଲ ଗାଏବ ହୋଇ ଯାଇଥିଲେ। ରମେଶ ଓ ନାନ୍ତୁନୁ ଖୋଜାଖୋଜି କରି ସୁଶିଲଙ୍କର ପଟେ ଚପଲ ପାଇଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ସେହି ସମୟରେ ଏକ ଅଟୋ ଦ୍ରୁତଗତିରେ ଯାଇଥିଲା। ସୁଶିଲଙ୍କୁ ଅପହରଣ କରାଯାଇଥିବା ନେଇ ରମେଶ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା କ୍ଷଣି ନୂଆପଲ୍ଲୀ ଥାନା ପୁଲିସ ସାଙ୍ଗେ ସାଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସୁଶିଲଙ୍କ ପତ୍ତା ପାଇନଥିଲା।

ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ପୂରା ଘଟଣା ପଦାକୁ ଆସିଥିଲା। ରମେଶ, ସୁଶିଲ ଓ ନାନ୍ତୁନ ମଦ୍ୟପାନ କରିବା ପରେ ହାତ ଧରାଧରି ହୋଇ ନିଶାସକ୍ତ ଅବସ୍ଥାରେ ଫେରୁଥିଲେ। ଓଡ଼ିଆଣୀ ହୋଟେଲ ନିକଟରେ ସୁଶିଲ ହାତ ଛାଡ଼ି ଦେଇ ପଛରେ ରହି ଯାଇଥିବା ବେଳେ ନାନ୍ତୁନ ଓ ରମେଶ ଆଗକୁ ପଳାଇଥିଲେ। ସୁଶିଲ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ଗାଡ଼ିକୁ ଅଟକାଇବା ବେଳେ ପାଦରୁ ପଟେ ଚପଲ ବାହାରି ଯାଇଥିଲା। ସେପଟେ ରମେଶ ଓ ନାନ୍ତୁନୁ ପଛକୁ ଫେରି ଖୋଜାଖୋଜି କରିଥିଲେ ମଧ୍ୟ ସୁଶିଲକୁ ପାଇନଥିଲେ। ସେପଟେ ସୁଶିଲ ଯାଇ ଏକ ବାଲି ଗଦାରେ ଶୋଇ ପଡ଼ିଥିଲେ। ପୁଲିସ ଅନେକ ସମୟ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୩ଟା ବେଳକୁ ବାଲି ଗଦାରୁ ସୁଶିଲକୁ ଉଦ୍ଧାର କରିଥିଲା।

## ଓକେଏସ୍ ପକ୍ଷରୁ ଗ୍ରୀଷ୍ମକାଳୀନ ପଖାଳ ବଣ୍ଟନ



ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଆ କଳାକାରଙ୍କ ସ୍ୱର ଓକେଏସ୍ କଳାକାର ମହାସଂଘ ପକ୍ଷରୁ ଗୁରୁବାର ଇନ୍ଦିରାଗାନ୍ଧୀ ପାର୍କ ନିକଟରେ ୫୦୦ ଜଣ ପଥଚାରୀଙ୍କୁ ପଖାଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ସିଏମଡି ଟିମ ଅଦମାର୍କ ନିଶିକାନ୍ତ ମିଶ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଖ୍ୟାତନାମା ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ପ୍ରଣବ ଦାସ, କର୍ପୋରେଟର୍ ନରେନ୍ ସାହୁ, ସଭାପତି, ସାମାଜିକ ସେବା ବାପୁ ଓଝା, ଓକେଏସ୍ ସଭାପତି ଶ୍ରୀଧର ମାର୍ଥା ପ୍ରମୁଖ ଓକେଏସ୍ ପରିବାରର ପ୍ରମୁଖ ସଦସ୍ୟ ଏବଂ ସଦସ୍ୟା ମାନେ ଉପସ୍ଥିତ ରହି ଏହି ଗ୍ରୀଷ୍ମକାଳୀନ ପଖାଳ ବଣ୍ଟନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପାଖାପାଖି ୫୦୦ ଜଣ ପଥଚାରୀ ପଖାଳ ଭାତ ଖାଇଥିଲେ। ଦହି ଛୁଙ୍କ ପଖାଳ ସାଙ୍ଗକୁ ଆଳୁ ଭର୍ତ୍ତା, ବଡ଼ି ଭଜା, ଶାଗ ଭଜା, ପୋଟଳ ଆଳୁ ମସଲା, ପାମ୍ପଡ, ଆଚାର ଦିଆଯାଇଥିଲା। ଏହା ସହିତ ଟଙ୍କ ତୋରାଣି ମଧ୍ୟ ୫୦୦ ଜଣଙ୍କୁ ବଣ୍ଟା ଯାଇଥିଲା। ଏହିଭଳି ଜନସେବା କାର୍ଯ୍ୟକ୍ରମ କରି ସେବା କାର୍ଯ୍ୟରେ ଓଡ଼ିଆ କଳାକାରଙ୍କ ଉଦ୍ୟମ ବହୁତ୍ ପ୍ରଶଂସନୀୟ। ଅନେକ ପଥଚାରୀ ପଖାଳ ଖାଇବା ସହିତ ଓକେଏସ୍ ମହାସଂଘ କୁ ଭୂରି ପ୍ରଶଂସା କରିଥିଲେ। ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା ଆର ବର୍ଷ ୧୦୦୦ ଜଣ ପଥଚାରୀଙ୍କ ପାଇଁ ଏହି ପଖାଳ ବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ତୈଳ ବଞ୍ଚାଇବା ପାଇଁ ସ୍ୱଦେଶୀ ଜାଗରଣ ମଞ୍ଚର ଆହ୍ୱାନ

ଭୁବନେଶ୍ୱର, ୨୧।୫(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଅନାବଶ୍ୟକ ଯାନବାହନ ବ୍ୟବହାର କମାଇବା, ବିଦେଶ ଯାତ୍ରା ହ୍ରାସ କରିବା, ଘରୁ କାମ କରିବା ଏବଂ ଅନଲାଇନ୍ ବୈଠକକୁ ପ୍ରାଥମିକତା ଦେଇ ପେଟ୍ରୋଲ ଓ ଡିଜେଲ ସଞ୍ଚୟ କରିବାକୁ ଆହ୍ୱାନ କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସ୍ୱାଗତ ଓ ସମର୍ଥନ କରୁଛି। ବିଶେଷକରି ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବାର ଆହ୍ୱାନ ଦେଶକୁ ବିଦେଶୀ ତେଲ ଉପରେ ନିର୍ଭରତାରୁ ମୁକ୍ତ କରିବା ସହ ବୈଦେଶିକ ମୁଦ୍ରା ସଞ୍ଚୟରେ ମଧ୍ୟ ସହାୟକ ହେବ। ବର୍ତ୍ତମାନର ବିଶ୍ୱ ପରିସ୍ଥିତି ଏବଂ ପଶ୍ଚିମ ଏସିଆର ସଂଘର୍ଷମୟ ପରିବେଶ ଯୋଗୁଁ ଆନ୍ତର୍ଜାତିକ ତେଲ ଓ ଗ୍ୟାସ ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି। ଏପରି ପରିସ୍ଥିତିରେ ସ୍ୱଦେଶୀ ଜାଗରଣ ମଞ୍ଚର ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ ଦେଶବାସୀଙ୍କ ମନୋଭାବରେ ସକାରାତ୍ମକ ପରିବର୍ତ୍ତନ ଆଣିବ ଏବଂ ବିକଳ୍ପ ଶକ୍ତି ବିକାଶ ପାଇଁ ବୈଜ୍ଞାନିକ, ଶିକ୍ଷାବିଦ୍ ଓ ଶିଳ୍ପକ୍ଷେତ୍ରକୁ ପ୍ରେରିତ କରିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ଅବସରରେ ମଞ୍ଚ ଦେଶର ନାଗରିକ, ବୈଜ୍ଞାନିକ ସମୁଦାୟ, ଶିକ୍ଷାନୁଷ୍ଠାନ, ଯୁବବର୍ଗ, ଷ୍ଟାର୍ଟଅପ୍ ଓ ଉଦ୍ୟୋଗୀମାନଙ୍କୁ ଆହ୍ୱାନ କରୁଛି ଯେ ସେମାନେ ବିଦେଶୀ ନିର୍ଭରତା କମାଇବା ଓ ରାଷ୍ଟ୍ର ଗଠନର ଏହି ଅଭିଯାନରେ ସାମିଲ ହୋଇ ଏକ ଶକ୍ତିଶାଳୀ, ସୁଦୃଢ଼ ଓ ଆତ୍ମନିର୍ଭର ଭାରତ ଗଠନରେ ସହଯୋଗ କରନ୍ତୁ।

## ପ୍ରଫେସର ରାଧାକାନ୍ତ ମିଶ୍ର ସ୍ମାରକୀ ବକ୍ତୃତମାଳା

ଭୁବନେଶ୍ୱର, ୨୧।୫(ସମିସ): ପ୍ରଫେସର ରାଧାକାନ୍ତ ମିଶ୍ର ସ୍ମୃତି ସଂସଦ ଦ୍ୱାରା ଆୟୋଜିତ ସ୍ମାରକୀ ବକ୍ତୃତାମାଳା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ରାଉତ, ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ସଂସ୍କୃତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ରଘୁନାଥ ପଣ୍ଡା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀ ଚରଣ ରଥ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀବତ୍ସ କର ଶର୍ମାଙ୍କୁ 'ପ୍ରଫେସର ରାଧାକାନ୍ତ ମିଶ୍ର ବିଶିଷ୍ଟ ହିନ୍ଦୀ ସେବୀ ସମ୍ମାନ' ଓ ମହେଶ୍ୱର ସାହୁଙ୍କୁ 'ପ୍ରଫେସର ରାଧାକାନ୍ତ ମିଶ୍ର ଯୁବା ହିନ୍ଦୀ ସେବୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଏହାସହ ହିନ୍ଦୀ ଗଦ୍ୟ ସାହିତ୍ୟ କେ ବିବିଧ ଆୟାମ ଭାଗ-୧, ହିନ୍ଦୀ ଗଦ୍ୟ ସାହିତ୍ୟ କେ ବିବିଧ ଆୟମ ଭାଗ -୨, ଉମ୍ମୀଦ କବିତା ସଂଗ୍ରହ ଆଦି ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ସହିଦନଗର ହାଟ ବଣିକ ସଂଘର ସାଧାରଣ ସଭା

ଭୁବନେଶ୍ୱର, ୨୧।୫(ସମିସ): ଭୁବନେଶ୍ୱରସ୍ଥିତ ସହିଦନଗର ହାଟ ବଣିକ ସଂଘର ଦୁଇ ବର୍ଷର ସାଧାରଣ ସଭା ହାଟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ସଭାପତି ଜୀତେନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ତଥା ବିଜେପିର ନେତା ଜଗନ୍ନାଥ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଦିବଂଗତ ସଭ୍ୟଙ୍କ ପାଇଁ ଦୁଇ ମିନିଟ୍ ନୀରବ ପାର୍ଥନା କରାଯାଇଥିଲା। ସଂଘର ସମ୍ପାଦକ ସଚ୍ଚିଦାନନ୍ଦ ନାୟକ ଦୁଇ ବର୍ଷର ସଂଘର ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସଂଘର ଉପଦେଷ୍ଟା ସତୀଶ କୁମାର ରାୟ ନୂତନ କର୍ମକର୍ତ୍ତା ଙ୍କ ଚୟନ କରିବା ପାଇଁ ପ୍ରକିୟା ଆରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ପ୍ରଧାନ, ସଭାପତି ଜୀତେନ୍ଦ୍ର କୁମାର ରଥ, କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ମହାପାତ୍ର, କୋଷାଧକ୍ଷ ମନୋରଞ୍ଜନ ବରାଳ, ସହ କୋଷାଧକ୍ଷ ପୁରୁଷୋତ୍ତମ ମୁଦୁଲି ପ୍ରମୁଖ ନିର୍ବାଚିତ ହୋଇଥିଲେ।

## ସମ୍ପର୍କ ମଞ୍ଚର ଗୀତିକବିତା ସଙ୍କଳନ 'ଭକ୍ତି ସଙ୍ଗୀତାଞ୍ଜଳି'

ଭୁବନେଶ୍ୱର, ୨୧।୫(ସମିସ): ସମ୍ପର୍କ ମଞ୍ଚଦ୍ୱାରା ଇଂ ରମେଶ ଚନ୍ଦ୍ର ମହାନ୍ତିଙ୍କ ଗୀତି କବିତା ସଂକଳନର ଭକ୍ତି ସଙ୍ଗୀତାଞ୍ଜଳି ଶ୍ରୀଜଗନ୍ନାଥଙ୍କୁ ଅର୍ପଣ ପୂର୍ବକ ପାଠିକାର୍ପିତ ହୋଇଯାଇଛି। ସମ୍ପର୍କ ମଞ୍ଚର ସଭାପତି ଇଂ ଉଦୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ନଗରସ୍ଥିତ ଓଡ଼େଶା ଭବନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଗତିବାଦୀର କାର୍ଯ୍ୟ ନିର୍ବହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ସମ୍ମାନୀୟ ଅତିଥି ଭାବେ ସ୍ତମ୍ଭକାର ତଥା ଲେଖକ ଡ. ବାସନ୍ତୀ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଭକ୍ତି ସଙ୍ଗୀତାଞ୍ଜଳିରେ ସ୍ଥାନୀତ ୮୧ଟି ଶ୍ରୀଜଗନ୍ନାଥଙ୍କ ଭକ୍ତିସଙ୍ଗୀତ ଲେଖକଙ୍କ ୮୧ତମ ସ୍ୱନକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ମଞ୍ଚରେ ସମର୍ପିତ ହୋଇଥିଲା। ସଭା ଆରମ୍ଭରେ ମିନତୀ ମିଶ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଇଂ ନରେନ୍ଦ୍ର କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଇଂ ଶ୍ରୀଧର ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୀମନ୍ତ ନନ୍ଦ, ଇଂ ବିଜୟ ଦାଶ, ଇଂ ଶ୍ରୀକାନ୍ତ ମହାପାତ୍ର, ନିର୍ମଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

**ବିଏମ୍‌ସି ହସ୍ପିଟାଲ୍**

## କମୁଛି ଡାକ୍ତର ଓ ଶଯ୍ୟା ସଂଖ୍ୟା

ଭୁବନେଶ୍ୱର, ୨୧।୫(ସମିସ)

ଗୋଟେପଟେ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ କମିଚାଲିଛି ଡାକ୍ତରଙ୍କ ସଂଖ୍ୟା। ପ୍ରାୟ ୩୦ ହଜାର ରୋଗୀଙ୍କ ପାଇଁ ରହିଛନ୍ତି ମାତ୍ର ୯ ଜଣ ଡାକ୍ତର। ଫଳରେ ଡାକ୍ତରୀ ସେବାରୁ ବଞ୍ଚିତ ହେଉଛନ୍ତି ଶହଶହ ରୋଗୀ। ରାଜଧାନୀ ଡାକ୍ତରଖାନା ପରେ ସହରର ଅନ୍ୟ ପ୍ରମୁଖ ସରକାରୀ ଡାକ୍ତରଖାନା ଭାବେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା

**■ ହୃଦ୍‌ରୋଗ ବିଭାଗରେ ଚାଲିଛି ଇଏନଟି ସେବା**
**■ ଔଷଧ କେନ୍ଦ୍ରରେ ଉପଲବ୍ଧ ରହୁନି ଅଧିକାଂଶ ଔଷଦ**

ଯୋଗାଉଥିବା ଡାକ୍ତରଖାନା ନାହିଁ ନାହିଁରେ ଚାଲିଛି। ହସ୍ପିଟାଲରେ କେବଳ ଡାକ୍ତରଙ୍କ ଅଭାବ ନାହିଁ ବରଂ ଡାକ୍ତର ଲେଖୁଥିବା ଔଷଧ ଡାକ୍ତରଖାନା ପରିସରରେ ଥିବା ଔଷଧ କେନ୍ଦ୍ରରେ ଉପଲବ୍ଧ ରହୁନି। ବାଧହୋଇ ବାହାରୁ ଚଢ଼ା ଦରରେ ଔଷଧ କିଣୁଥିବା ଅଭିଯୋଗ ହୋଇଛି। ସମସ୍ୟା କେବଳ ସେତିକିରେ ସୀମିତ ନାହିଁ, ହସ୍ପିଟାଲ ପରିସରରେ ରହିଥିବା ହୃଦ୍‌ରୋଗ ବିଭାଗରେ ଚାଲିଛି ଆଖି, ଦାନ୍ତ, ଗଳା ଚିକିତ୍ସା ସହ ମଳମୂତ୍ର ପରୀକ୍ଷା। ଏଭଳି ଅବ୍ୟବସ୍ଥା ମଧ୍ୟରେ ରହିଛି ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍‌ସି ହସ୍ପିଟାଲ।

ମହାପ୍ରଭୁ ଲିଙ୍ଗରାଜଙ୍କ ନିକଟକୁ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଶହଶହ ଶ୍ରଦ୍ଧାଳୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ୧୯୪୬ ମସିହାରେ ଲିଙ୍ଗରାଜ ମନ୍ଦିର ନିଟକରେ ଏହି ହସ୍ପିଟାଲ ନିର୍ମାଣ କରାଯାଇଥିଲା। ୨୦୧୫ ମସିହାରୁ ଏହା ପୌରାଞ୍ଚଳ ଚିକିତ୍ସାଳୟର ମାନ୍ୟତା ପାଇଥିଲା। ତଥ୍ୟ ଅନୁସାରେ, ହସ୍ପିଟାଲରେ ବର୍ତ୍ତମାନ ମୁଖ୍ୟ ଚିକିତ୍ସକ (ସିଏମଓ) ନଥିବା ବେଳେ ଡାକ୍ତରଙ୍କ ସଂଖ୍ୟା ୪୧ରୁ ୯ରେ ପହଞ୍ଚିଥିବାରୁ ରୋଗୀଙ୍କ ଅନୁପାତରେ ଅଧିକାଂଶ ବିଭାଗ ଖାଲି ପଡ଼ିଛି। ଫଳରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କୁ ରାଜଧାନୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହସ୍ପିଟାଲ ପରିସରରେ ପ୍ରାୟ୭ ବର୍ଷ ହେବ ଆରମ୍ଭ ହୋଇଥିବା ହୃଦ୍‌ରୋଗ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ।




ପ୍ରାୟ ୧କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳରେ ନିର୍ମିତ ଏହି ବିଭାଗରେ ଚାଲିଛି ଇଏନ୍‌ଟି ଚିକିତ୍ସା। ତେଣୁ ହୃଦରୋଗୀଙ୍କ ଏଠାକୁ ଆସି ନିରାଶ ହେଉଛନ୍ତି। କେବଳ ନାମକୁ ମାତ୍ର ଏଠାରେ ହୃଦ୍‌ରୋଗ ବିଭାଗ ଲେଖା ରହିଛି କିନ୍ତୁ, ଭିତରେ ଆଖି, ଦାନ୍ତ, ଗଳା ଚିକିତ୍ସା ହେଉଥିବା ସହ ମଳ, ମୂତ୍ର ପରୀକ୍ଷା କରାଯାଉଥିବା ସୂଚନା ରହିଛି। ସେହିପରି ଆବଶ୍ୟକୀୟ ଷ୍ଟାଫ୍ ନର୍ସ ନଥିବାରୁ ମଧ୍ୟ ସମସ୍ୟା ଉପୁଜୁଥିବା ଜଣାପଡ଼ିଛି। କେବଳ ସେତିକିରେ ସମସ୍ୟା ସରି ନାହିଁ, ପୂର୍ବରୁ ଏଠାରେ ରୋଗୀଙ୍କ ନିମନ୍ତେ ୧୦୭ଟି ବେଡ୍ ବା ଶଯ୍ୟା ରହିଥିବା ବେଳେ ତାହା ଏବେ ୫୭ରେ ପହଞ୍ଚିଲାଣି। ଯାହାକି ରାଜଧାନୀର ସର୍ବପୁରାତନ ହସ୍ପିଟାଲର ମାନ୍ୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ସ୍ୱାଧୀନତା ପୂର୍ବରୁ (୧୯୪୬ ମସିହା) ନିର୍ମିତ ଏହି ହସ୍ପିଟାଲ ବହୁ ନାମୀଦାମୀ ଡାକ୍ତରଙ୍କ ସେବା ପାଇଁ ସୁନାମ ଅର୍ଜନ କରିଥିଲା। ବିଭିନ୍ନ ସ୍ଥାନରୁ ଲୋକମାନେ ଏଠାକୁ ଚିକିତ୍ସା ପାଇଁ ଆସୁଥିଲେ। କିନ୍ତୁ ବର୍ତ୍ତମାନ ଡାକ୍ତରଙ୍କ ସଂଖ୍ୟା କମିବା ସହ କେବଳ ସକାଳ ୮ଟାରୁ ୧୨ଟା ଯାଏ ରେଗୀସେବା ଚାଲିଥିବା ବେଳେ ଉପରବେଳା ଡାକ୍ତର ଆସୁନଥିବା ଅଭିଯୋଗ ହୋଇଛି। କେବଳ ଜଣେ ଡାକ୍ତର ଉପସ୍ଥିତ ରହିଥିବାରୁ ସେ ରୋଗୀମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରୁଥିବା କୁହାଯାଉଛି। ଗୋଟେପଟେ ଏଭଳି ଏକ ହସ୍ପିଟାଲରେ ଦୀର୍ଘଦିନ ହେବ ଡାକ୍ତରଙ୍କ ସଂଖ୍ୟା କମି କମି ଯାଉଥିବା ବେଳେ ୧୨୫ ଜଣ ଏମବିବିଏସ୍ ଡାକ୍ତର ପୋଷ୍ଟିଂ ନପାଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଅଧୀନରେ ବସି ରହିଥିଲେ। ୫ମାସ ପରେ ସ୍ୱାସ୍ଥ୍ୟବିଭାଗର ନିଜ ଭାଙ୍ଗିଥିବା ବେଳେ ଡାକ୍ତର ପୋଷ୍ଟିଂ ପାଇଁ କାଉନସିଲିଂ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ଭୁବନେଶ୍ୱରର ଏହି ପୁରାତନ ହସ୍ପିଟାଲରେ ଆବଶ୍ୟକୀୟ ଡାକ୍ତର ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଗାଡ଼ି ଦୁର୍ଘଟଣା ଘଟାଇ ଟଙ୍କା ଦେଲେନି ବୋଲି

# ଯୁକ୍ତ ଦୁଇ ଛାତ୍ରଙ୍କୁ କାର୍‌ରେ ଟେକିନେଲେ

ଭୁବନେଶ୍ୱର, ୨୧।୫ (ସମିସ)

ରାଜଧାନୀରେ ପୁଣି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଦୁର୍ଘଟଣା ପରେ ମରାମତି ପାଇଁ ଟଙ୍କା ନ ଦେବାରୁ ଯୁକ୍ତ ଦୁଇ ଛାତ୍ରଙ୍କୁ କାରରେ ଅପହରଣ କରି ନେଇଛନ୍ତି। ନୂଆପଲ୍ଲୀର ଏମଡି ପ୍ରିନ୍ସ ରାକିବଙ୍କୁ ଘାଟିକିଆ ଅଞ୍ଚଳରୁ କାରରେ ଟେକି ନେଇଛନ୍ତି। ଅପହରଣର ୬ ଘଣ୍ଟା ପରେ ଭିଏସ୍‌ଏସ୍ ନଗରରୁ ଅପହୃତ ଛାତ୍ରଙ୍କୁ ଉଦ୍ଧାର କରିବା ସହ ୬ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ।

■ ୬ ଘଣ୍ଟାରେ ଭିଏସ୍‌ଏସ୍ ନଗରରୁ ଉଦ୍ଧାର କଲା ପୁଲିସ
■ ସେଲ୍‌ଫ୍ ଡ୍ରାଇଭ୍ ମାଲିକ ସମେତ ୬ ଗିରଫ





ଗିରଫ ଅଭିଯୁକ୍ତ ହେଉଛନ୍ତି ସେଲ୍‌ଫ ଡ୍ରାଇଭ୍ ଟ୍ରାଭେଲସ ମାଲିକ ତଥା କଳିଙ୍ଗ ବିହାରର ସାଇ ଅଭିଷେକ ପାଣି (୨୧), ସଞ୍ଜୟ ବେହେରା (୨୧), ମଞ୍ଚେଶ୍ୱରର ମହାଦୀପ ରାଉତରାୟ (୨୨), ଭିଏସ୍‌ଏସ୍ ନଗରର ବିନିତ ମହାନ୍ତି (୨୦), ସ୍ୱସ୍ତିକ ତ୍ରିପାଠୀ (୧୯) ଓ ପ୍ରଥମେଶ ପାତ୍ର (୨୦)।

ପୁଲିସ ସୂଚନା ଅନୁସାରେ, ସାଇ ଅଭିଷେକର ଏକ ସେଲ୍‌ଫ ଡ୍ରାଇଭ୍ ଟ୍ରାଭେଲ୍ସ ରହିଥିବା ବେଳେ ରାକିବ ବିଭିନ୍ନ ସମୟରେ ସେଠାରୁ କାର୍ ଭଡ଼ାରେ ନିଅନ୍ତି। ନିକଟରେ ରାକିବ ଏକ କାର ଭଡ଼ାରେ ନେଇଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡ଼ି ବାବଦରେ ସାଇ ୫ ଲକ୍ଷ ଟଙ୍କା ଦାବି କରିଥିଲା। ରାକିବ ଗାଡ଼ି ନେଇ ନିଜେ ମରାମତି କରି ଆଣିବେ ବୋଲି କହିଥିଲେ ମଧ୍ୟ ସେ ଟଙ୍କା ମାଗିଥିଲା। ଏହାକୁ ନେଇ ରାକିବ ଓ ସାଇ ମଧ୍ୟରେ ବିବାଦ ଲାଗି ରହିଥିଲା।

ଗତକାଲି ସନ୍ଧ୍ୟାରେ ରାକିବ ଓ ତାଙ୍କ ସାଙ୍ଗ ଶ୍ରୀୟାଂଶୀ ପାଢ଼ୀ ସ୍କୁଟି ଯୋଗେ ଘାଟିକିଆରେ ଥିବା ତାଙ୍କ ଗ୍ୟାସ୍ କାଉଣ୍ଟରକୁ ଆସୁଥିଲେ। ସେହି ସମୟରେ ସାଇ, ସଞ୍ଜୟ, ମହାଦୀପ, ବିନିତ, ସ୍ୱସ୍ତିକ ଓ ପ୍ରଥମେ ରାସ୍ତାରେ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। କେହି କେହି ବୁଝିବା ଆଗରୁ ରାକିବଙ୍କୁ କାରରେ ଅପହରଣ କରି ନେଇଥିଲେ। ଶ୍ରୀୟାଂଶୀ କୌଶଳ କ୍ରମେ ସେଠାରୁ ଖସି ଯାଇ ରାକିବର ବାପା ମହମ୍ମଦ ସକିଲଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହାର କିଛି ସମୟ ପରେ ଅପହରଣକାରୀମାନେ ସକିଲଙ୍କୁ ଫୋନ୍ କରି ଧମକାଇଥିଲେ। ୫ ଲକ୍ଷ ଟଙ୍କା ନଦେଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ।

ସକିଲ ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଅପହରଣକାରୀମାନେ ରାକିବଙ୍କୁ ନେଇ ଭିଏସ୍‌ଏସ୍ ନଗର ଅଞ୍ଚଳରେ ରଖିଥିବା ବୈଷୟିକ ବିଶ୍ଳେଷଣରୁ ଜାଣିବାକୁ ପାଇଥିଲା। ଭରତପୁର ଥାନାର ଏକ ସ୍ୱତନ୍ତ୍ର ଟିମ୍ ଭିଏସ୍‌ଏସ୍ ନଗର ଚିଲିକା ଫ୍ରେସ୍ ପଛପଟେ ଥିବା ନିକାଞ୍ଚନ ସ୍ଥାନରୁ ରାକିବଙ୍କୁ ଉଦ୍ଧାର କରିଥିଲ। ୬ ଅପହର୍ତ୍ତାଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ କାର୍, ୨ଟି ସ୍କୁଟି, ୫ଟି ମୋବାଇଲ ଫୋନ, ଗୋଟିଏ ଛୁରି ଓ କାଠ ଫାଳିଆ ଜବତ କରିଥିଲା।

## ବାଇକ୍ ସହ ତେଲେଙ୍ଗା କଟୁରି ଜବତ; ୩ ଗିରଫ



ଧଉଳି, ୨୧।୫ (ସମିସ): ଗାଡ଼ି ଚୋରି ଅଭିଯୋଗରେ ଧଉଳି ଥାନା ପୁଲିସ ହାତରେ ଧରାପଡ଼ିଛନ୍ତି ୩ ପେସାଦାର ଅଭିଯୁକ୍ତ। ଗିରଫ ଅଭିଯୁକ୍ତମାନେ ହେଲେ ରଘୁନାଥପୁର ଉପରସାହି ଗ୍ରାମର ସାଗର ଓରଫ ଶୋଭନ ଧିର, କୁମାରଡିହ ଭୋଇସାହି ଗ୍ରାମର କାହ୍ନା ଓରଫ କାହ୍ନୁ ଚରଣ ଭୋଇ ଏବଂ ରଘୁନାଥପୁର ତଳସାହି ଗ୍ରାମର ବାଦଲ ଭୋଇ। ସେମାନଙ୍କ ଠାରୁ ପୁଲିସ ଚୋରି ଯାଇଥିବା ଗାଡି ଉଦ୍ଧାର କରିବା ସହ ଗୋଟେ ମୋଟର ସାଇକଲ ଏବଂ ଏକ ତେଲେଙ୍ଗା କଟୁରି ଜବତ କରିଛନ୍ତି। ସେହିପରି ସମସ୍ତେ ଜଣେ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ଏମାନଙ୍କ ନାଁରେ ବାଲିପାଟଣା, ପିପିଲି ଓ ଧଉଳି ଥାନାରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ହୋଇଛି। କାହ୍ନୁ ନାଁରେ ପିପିଲି ଥାନାରେ ୨୦୧୯ ଓ ୨୦୨୫ରେ ୨ଟି ମାମଲା ଥିବା ବେଳେ ୨୦୨୨ରେ ବାଲିପାଟଣା ଏବଂ ୨୦୨୫, ୨୦୨୨ ରେ ଧଉଳି ଥାନାରେ ୩ ଟି ମାମଲା ରୁଜୁ ହୋଇଛି। ସେହିପରି ସାଗର ନାଁରେ ୨୦୨୫ରେ ଓ ବାଦଲ ନାଁରେ ୨୦୧୯ ଓ ୨୫ରେ ଧଉଳି ଥାନାରେ ୨ ଟି ମାମଲା ରୁଜୁ ହୋଇଛି। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରିଛି। ଖବରନେବାରେ ଜଣାପଡ଼ିଛି ଏହି ଥାନା ନୂଆଗାଁ ନଖିପୋଖରୀ ନିକଟ ରଘୁନାଥନଗରର ନରେଶ ସାମନ୍ତରାୟ ନାମକ ଜଣେ ଯୁବକଙ୍କ ସ୍କୁଟି ପ୍ରତିଦିନ ଭଳି ତାଙ୍କ ଘର ଆଗରେ ପାର୍କିଂ କରିଥିଲେ। ମାତ୍ର ବୁଧବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ସ୍କୁଟି ଚୋରି କରିନେଇଥିଲେ। ଏନେଇ ନରେଶର ଧଉଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଥିବା ବେଳେ ନିକଟରେ ଲାଗିଥିବା ସିସିଟିଭି ଫୁଟେଜ୍ ତନଖିଥିଲେ। ସମ୍ପୃକ୍ତ ଅଭିଯୁକ୍ତ ମାନେ ଏକ ବୁଲେଟ ଯୋଗେ ସ୍କୁଟିକୁ ନେଇଯାଉଥିବା ସିସିଟିଭିରେ ଦେଖିବାକୁ ପାଇଲେ। ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା।

# ବିଧାୟକଙ୍କ ପତ୍ନୀଙ୍କୁ ୪୫ ହଜାର ଚୂନ

ଭୁବନେଶ୍ୱର, ୨୧।୫ (ସମିସ): କେୟାର ଟେକର ଯୋଗାଇବା ଆଳରେ ବିଧାୟକଙ୍କ ପତ୍ନୀଙ୍କ ଠାରୁ ୪୫ ହଜାର ଟଙ୍କା ଠକି ନେଇ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପାହାଳ ଥାନା ରୁଦ୍ରପୁରର ପ୍ରିତମ ନାୟକ ଅଭିଷେକ(୨୯) ଓ କଳିଙ୍ଗନଗର ଅଞ୍ଚଳର ସମ୍ପ୍ରିତ ରାଉତରାୟ(୨୯)। ଜଣାଇ ପକାଇଥିଲେ। ଏହାପରେ ସଞ୍ଜୀତା ଯୋଗାଯୋଗ କରିବାରୁ ପ୍ରିତମ ଓ ସମ୍ପ୍ରିତ ଆଉଜଣେ କେୟାର ଟେକର ଯୋଗାଇବେ ବୋଲି କହିଥିଲେ। ହେଲେ ବାରମ୍ବାର କଲ୍ ଓ ଇମେଲ୍ କରିବା ପରେ ମଧ୍ୟ ସଂସ୍ଥା କୌଣସି କେୟାର ଟେକର ଯୋଗାଇ ନଥିଲା କି ଟଙ୍କା ମଧ୍ୟ ଫେରାଇ ନଥିଲା।

■ କମ୍ପାନୀର ଦୁଇ କର୍ମଚାରୀ ଗିରଫ
■ ନକଲି ଠିକଣାରେ ଚଳାଇଥିଲେ କମ୍ପାନୀ
■ ଫସିଛନ୍ତି ୧୦୦ରୁ ଅଧିକ ଲୋକ



ବାରମ୍ବାର ଯୋଗାଯୋଗ କରି ସୁଫଳ ନ ମିଳିବାରୁ ସଞ୍ଜୀତା ନୂଆପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆରସି ଭିଲେଜରେ ଥିବା ଫ୍ୟୁଚର ଆଜିଲିଟି କେୟାର ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଠକେଇର ଶିକାର ହୋଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପୁଲିସ ମାମଲା ରୁଜୁ କରି ସମ୍ପୃକ୍ତ ଠିକଣାରେ ଚଢ଼ଉ କରିବା ବେଳକୁ, ସେଠାରେ ସେପରି କୌଣସି ସଂସ୍ଥା କାମ କରୁନଥିବା ଜଣାପଡ଼ିଥିଲା। ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିବା ପରେ ପ୍ରାୟ ୩ ବର୍ଷ ହେବ ସଂସ୍ଥା ଏଠାରୁ ପଳାଇ ଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ପ୍ରାୟ ୧୦୦ରୁ ଅଧିକ ଲୋକ ସଂସ୍ଥା ଦ୍ୱାରା ଠକେଇର ଶିକାର ହୋଇଥିବା ବେଳେ ଅନେକ ବ୍ୟକ୍ତି କମ୍ପାନୀକୁ ଖୋଜିବା ପାଇଁ ସେହି ସ୍ଥାନକୁ ଆସୁଛନ୍ତି ବୋଲି ସ୍ଥାନୀୟ ଲୋକେ ପୁଲିସକୁ କହିଥିଲେ। ପ୍ରିତମ ପୁରୁଣା ଠିକଣା ଦେଖାଇ ଭର୍ଚୁଆଲ୍ ଭାବରେ ସଂସ୍ଥା ପରିଚାଳନା କରୁଥିବା ବେଳେ ସମ୍ପ୍ରିତ ତା'ର ନିର୍ଦ୍ଦେଶରେ କାମ କରୁଥିଲା ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଗୁରୁବାର ନୂଆପଲ୍ଲୀ ଥାନା ପୁଲିସ ଦୁହିଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସ ସୂଚନାନୁସାରେ, ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ବାପା ମନମୋହନ ମହାପାତ୍ରଙ୍କ ସେବା କରିବାକୁ ଜଣେ କେୟାର ଟେକର ଆବଶ୍ୟକ ଥିଲା। ସିଦ୍ଧାନ୍ତଙ୍କ ପତ୍ନୀ ସଞ୍ଜୀତା ମିଶ୍ର ଫ୍ୟୁଚର ଆଜିଲିଟି ସଂସ୍ଥା ସହ ଯୋଗାଯୋଗ କରିଥିଲେ। କମ୍ପାନୀ ପକ୍ଷରୁ ପ୍ରିତମ ଓ ସମ୍ପ୍ରିତ ୩ ମାସ ପାଇଁ ବୃତ୍ତିଗତ କେୟାର ଟେକର ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇ ସଞ୍ଜୀତାଙ୍କ ସହ ଚୁକ୍ତି କରିଥିଲେ। ଚୁକ୍ତି ଅନୁଯାୟୀ ସଞ୍ଜୀତା ୪୫ ହଜାର ଟଙ୍କା ଦେବାପରେ କମ୍ପାନୀ ପକ୍ଷରୁ ଜଣେ ପୁରୁଷ କେୟାର ଟେକର ଯୋଗାଇ ଦିଆଯାଇଥିଲା। ହେଲେ ସମ୍ପୃକ୍ତ କେୟାର ଟେକର ଗୋଟିଏ ମାସ କାମ କରିବା ପରେ କାହାରିକୁ କିଛି ନ ଜଣାଇ ପକାଇଥିଲେ।

## ବିଡ଼ି ନଦେବାରୁ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ



ଭୁବନେଶ୍ୱର, ୨୧।୫ (ସମିସ): ବିଡ଼ି ନଦେବାରୁ ସୁରକ୍ଷାକର୍ମୀଙ୍କୁ ପଟାରେ ଆକ୍ରମଣ ହୋଇଛି। ନୂଆଗାଁ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଶ୍ୟାମପୁରର ପିଣ୍ଟୁ ଜେନା (୩୬)।

ପୁଲିସ ସୂଚନା ଅନୁସାରେ, ଟ୍ରେସ୍ ଆଉଟ୍ ସିକ୍ୟୁରିଟି ସଂସ୍ଥାର ସୁରକ୍ଷାକର୍ମୀ ଗଗନ ପାଇକରାୟ ନୂଆଗାଁ ଫାର୍ମରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଛନ୍ତି। ଗତ ୧୩ ତାରିଖ ରାତିରେ ସେ ଡ୍ୟୁଟିରେ ଥିବାବେଳେ ପିଣ୍ଟୁ ଫାଟକ ପରିସରକୁ ପ୍ରବେଶ କରି ତାଙ୍କୁ ବିଡ଼ି ମାଗିଥିଲା। ଗଗନ ବିଡ଼ି ଦେବାକୁ ମନା କରିବାରୁ ପିଣ୍ଟୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ତାଙ୍କୁ ଠେଲି ଦେଇଥିଲା। ଏଥିସହିତ ପାଖରେ ପଡ଼ିଥିବା ଏକ କାଠ ପଟା ଉଠାଇ ଗଗନଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ ହାତରୁ ରକ୍ତସ୍ରାବ ହୋଇଥିଲା। ଗଗନ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଆଜି ନୂଆଗାଁ ଛକରୁ ପିଣ୍ଟୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ରାସ୍ତା କଡ଼ରେ ସେକ୍ସ ରାକେଟ

# ୪ ଦେହଜୀବୀ ଉଦ୍ଧାର; ୫ ଗ୍ରାହକ ଗିରଫ

ଜଟଣୀ, ୨୧।୫ (ସମିସ)




ଦୁଇ ମାସର ଲୁଚା ଛପା ପରେ ଜଟଣୀ ପୁଲିସ ପଞ୍ଝାରେ ସେକ୍ସ ରାକେଟ।୨ ରାଣୀ ମହୁମାଛି ସମେତ ୫ ଗ୍ରାହକ ଗିରଫ। ୪ ଜଣ ଦେହଜୀବୀଙ୍କୁ ସୁଧାର ଗୃହରେ ଛାଡିଲା ପୁଲିସ। ସୂଚନା ଅନୁଯାୟୀ, ଜଟଣୀ ସହର ସାଇ ମନ୍ଦିର ଅଞ୍ଚଳରେ ଥିବା ବେହେରା ସାହିରେ ୨ ମାସ ହେଲାଣି ଦେହ ବେପାର ଚାଲିଥିଲା। ଦୀର୍ଘ ଦିନର ଛକାପଞ୍ଝା ପରେ ବୁଧବାର ରାତିରେ ଜଟଣୀ ପୁଲିସ ଏକ ଟିମ ଚଢ଼ାଉ କରି ଏହି ରାକେଟର ପର୍ଦ୍ଦାଫାଶ କରିଛି। ଚଢ଼ାଉ ବେଳେ ୨ ରାଣୀ ମହୁମାଛି ତଥା ଏହି ସେକ୍ସ ରାକେଟର କିଙ୍ଗପିନ ସ୍ଥାନୀୟ ରେଡଙ୍ଗ କଲୋନୀର ଡି ଗୌରୀ ଓ ଖୋର୍ଦ୍ଧା ବାଣପୁର ଥାନା ଅଞ୍ଚଳର ପ୍ରଭାତୀ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଛି। ଘଟଣା ସ୍ଥଳରୁ ୫ଜଣ ଗ୍ରାହକ ଓ ୪ ଦେହଜୀବୀଙ୍କୁ ଗିରଫ କରାଯାଇଛି। ସେକ୍ସ ରାକେଟରେ ସହଯୋଗ କରୁଥିବା ସ୍ଥାନୀୟ ତେଲୁଗୁ ଚର୍ଚ୍ଚ ନିକଟରେ ରହୁଥିବା ଅଟୋ ଡ୍ରାଇଭର ବି କୁମାର କୁ ମଧ୍ୟ ଗିରଫ କରାଯାଇଛି। ଚଢ଼ଉ ବେଳେ ୫ଟି ମୋବାଇଲ, ନଗଦ ୫୨୫୦ ଟଙ୍କା ସହ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଗତକାଲି ସବ ଇନସପେକ୍ଟର ଅହଲ୍ୟା ବେହେରାଙ୍କ ନେତୃତ୍ୱରେ ଜଟଣୀ ପୋଲିସର ଏକ ଟିମ ଅତର୍କିତ ଭାବେ ଚଢ଼ାଉ କରି ଏହି ରାକେଟର ପର୍ଦ୍ଦାଫାସ କରିଥିଲେ। କେଶ ନମ୍ବର ୨୫୬ ରେ ମାମଲା ରୁଜୁ କରାଯାଇ ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୪ଦେହଜୀବୀଙ୍କୁ ସୁଧାର ଗୃହକୁ ପଠାଯାଇଛି। ଏହି ରାକେଟ ପଛରେ ଜନୈକ ଯୁବ ସମାଜସେବୀଙ୍କ ପ୍ରଚ୍ଛନ୍ନ ହାତ ଥିବା ଜଟଣୀ ସହରରେ ଚର୍ଚ୍ଚା ଜୋର ଧରିଛି।

## ରାଜଧାନୀରେ ପୁଣି ହିଂସା

# ମହାରାଜା ଫିଲ୍ମ ହଲରେ ତୁମୁଳ କାଣ୍ଡ

ଭୁବନେଶ୍ୱର, ୨୧।୫(ସମିସ): ରାଜଧାନୀରେ ପୁଣି ହିଂସା ମାମଲା ସାମ୍ନାକୁ ଆସିଛି। ଏକ ସିନେମା ହଲରେ ଗୋଷ୍ଠୀ ସଂଘର୍ଷ ଉଗ୍ର ରୂପ ନେଇଛି। ସିନେମା ହଲରେ ପ୍ରବେଶ କରି କିଛି ଯୁବକ ତୁମୁଳକାଣ୍ଡ ଭିଆଇଛନ୍ତି। ହଲରେ ପ୍ରବେଶ କରି ହୋ ହଲ୍ଲା କରି ଦର୍ଶକଙ୍କୁ ବିରକ୍ତ କରିଥିଲେ। ପରେ ପରଦା ଆଗରେ ନାଚକୁଦ କରିବା। ଏହାପରେ ଦର୍ଶକ ଏବଂ ହଲ କର୍ତ୍ତୃପକ୍ଷଙ୍କୁ ଆକ୍ରମଣ କରିବା ସହ ହଲ୍ ପରିସର ଏବଂ ପାର୍କିଂରେ ଗାଡ଼ି ଭଙ୍ଗାରୁଜା କରିବା ଭଳି ଘଟଣା ସାମ୍ନାକୁ ଆସିଛି। ସଙ୍ଘବଦ୍ଧ ଭାବେ ଆକ୍ରମଣ କରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ୨ଯୁବକ ଏବଂ ଜଣେ ନାବାଳକଙ୍କୁ ଗିରଫ କରିଛି।

**ଭିଡିଓ ସିସିଟିଭିରେ କଏଦ୍, ଥାନାରେ ଏତଲା ଓ ୩ ଗିରଫ**



ମିଳିଥିବା ସୂଚନା ମୁତାବକ, ସହିଦନଗର ଥାନା ଅନ୍ତର୍ଗତ ମହାରାଜା ସିନେମା ହଲରେ ବୁଧବାର ବିଳମ୍ବିତ ରାତିରେ ମନ୍ତ୍ରମୁଗ୍ଧ ନାମକ ଓଡ଼ିଶା ସିନେମା ପ୍ରଦର୍ଶୀତ ହୋଇଥିଲା। ଏହି ସମୟରେ ଏକ ଗୋଷ୍ଠୀ ହଲ ଭିତରେ ଉତ୍ପାତ ଆରମ୍ଭ କରିଥିଲେ। ସିନେମା ଚାଲିଥିଲା ବେଳେ ପରଦା ସାମ୍ନାରେ ନାଚିବାରୁ ଅନ୍ୟ ଦର୍ଶକମାନେ ଏହାକୁ ବିରୋଧ କରିଥିଲେ। ଦର୍ଶକମାନଙ୍କ ସହ ପାଟିତୁଣ୍ଡ ହେବାରୁ ହଲ୍‌ର ମ୍ୟାନେଜ୍‌ମେଣ୍ଟ ଘଟଣାସ୍ଥଳରେ ପହଞ୍ଚି ଏହି ଯୁବକମାନଙ୍କୁ ବୁଝାସୁଝା କରିଥିଲେ। ହେଲେ ସେମାନେ ମ୍ୟାନେଜମେଣ୍ଟ ସମସ୍ୟଙ୍କୁ ମାରପିଟ୍ କରିଥିଲେ। ହଲ୍ ପରିସରରେ ଚୌକି ଭଙ୍ଗାରୁଜା କରି ଭଙ୍ଗାରୁଜା କରିଥିଲେ। ଏହାପରେ ବାହାରକୁ ଆସି ପାର୍କିଂରେ ଗାଡ଼ି ଭଙ୍ଗା ରୁଜା କରିଥିଲେ। ଯାହାକୁ ପାରିଲେ ପେଲାଠେଲା କରିବା ସହ ମାଡ଼ ମାରିଥିଲେ। ହଲ୍ କର୍ତ୍ତୃପକ୍ଷ ଏବଂ ଭଙ୍ଗାଯାଇଥିବା ଗାଡ଼ିର ମାଲିକ ମାନେ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ୨ଯୁବକ ଥିଲା ବେଳେ ଜଣେ ନାବାଳକ ରହିଛନ୍ତି।

## ● ବନ୍ଧୁକ ଦେଖାଇ ପେଟ୍ରୋଲ୍ ପମ୍ପରେ ଆତଙ୍କ

# ବନ୍ଧୁକ, କାର୍ ଓ ବାଇକ୍ ଜବତ; ତିନି ଗିରଫ

ଧଉଳି, ୨୧।୫(ସମିସ): ବନ୍ଧୁକ ଦେଖାଇ ଭୟଭୀତ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ୩ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ବାଣିଗୋଛା ଥାନା ଗୁରୁପାଲ ଗ୍ରାମର ସନ୍ତୋଷ କୁମାର ନାୟକ, ଭଦ୍ରକ ବରଣ୍ଡୁଆ ଥାନା ବେତଡ଼ା ଗ୍ରାମର ମଧୁସୂଦନ ବେହେରା ଓ ଜଗତସିଂହପୁର ଜିଲ୍ଲା ଏରସମା ଥାନା ବାଲିପାଟଣା ଗ୍ରାମର ସୁଶାନ୍ତ କୁମାର ବେହେରା। ସମସ୍ତ ଅଭିଯୁକ୍ତ ଲକ୍ଷ୍ମୀସାଗର ଥାନା ଶ୍ରୀ ରାମମନ୍ଦିର ନିକଟରେ ଥିବା ଏକ ବସ୍ତିରେ ରହୁଥିଲେ। ଖବରନେବାରେ ଜଣାପଡ଼ିଛି ଶ୍ରୀ ଲିଙ୍ଗରାଜ ଥାନା ପୁରୁଣାଭୁବନେଶ୍ୱର ଅଞ୍ଚଳର ସ୍ୱସ୍ତିରଞ୍ଜନ ମହାରଣାଙ୍କ 'ସ୍ୱସ୍ତି ଟୁର ଏବଂ ଟ୍ରାଭେଲ୍ସ 'ନାମରେ ଏକ ଟ୍ରାଭେଲ୍ସ ବ୍ୟବସାୟ ଅଛି। ଗତକାଲି ରାତି ୧୧ ଟାରେ ଶ୍ରୀ ମହାରଣା ୧୦ରୁ ୧୨ଟା କାରରେ ପେଟ୍ରୋଲ/ଡିଜେଲ ପକାଇବା ନିମନ୍ତେ ନୂଆଗାଁ ପେଟ୍ରୋଲ ପମ୍ପରେ ଧାଡିରେ ଠିଆ ହୋଇଥିଲେ।



ଏହି ସମୟରେ ସନ୍ତୋଷ ନାୟକ ଧାଡିରେ ନ ରହି ଆଗୁଆ ପେଟ୍ରୋଲ ପକାଇବା ନିମନ୍ତେ ପମ୍ପକୁ ଯାଇଥିଲେ। ଏହାକୁ ଶ୍ରୀ ମହାରଣା ବିରୋଧ କରିବା ସହ ଧାଡିରେ ଆସି ପେଟ୍ରୋଲ ପକାଇବା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ସନ୍ତୋଷ କାର କାଚକୁ ବାଡେଇ ଶ୍ରୀ ମହାରଣାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବାହାରକୁ ବାହାରିବା ପାଇଁ ଇସାରା ଦେଇଥିଲେ। ଶ୍ରୀ ମହାରଣା ନ ବାହାରିବାରୁ ସନ୍ତୋଷ ତାଙ୍କର ଅନ୍ୟ ୨ ସହଯୋଗୀଙ୍କୁ ଡାକିଥିଲେ। ଫଳରେ ଶ୍ରୀ ମହାରଣା ଭୟଭୀତ ଅବସ୍ଥାରେ ବାହାରକୁ ବାହାରି ଦୌଡ଼ି ପଳାଇଥିଲେ। ଦୂରରେ ରହି ସେ ପୁଲିସ କଣ୍ଟ୍ରୋଲ ରୁମକୁ କଲ କରିଥିଲେ। ଖବରପାଇ ଧଉଳି ଥାନା ପୁଲିସ ତତକ୍ଷଣାତ ସେଠାରେ ପହଞ୍ଚି ୩ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଏଥିସହ ଅଭିଯୁକ୍ତଙ୍କ ଠାରୁ ୱାନ୍ ଷ୍ଟାର ଆର୍‌ଏକ୍ସ ଜେନ-୩, ନମ୍ବର ୦୦୬୫୩୩, ଲୋଡେଡ୍ ମ୍ୟାଗାଜିନ୍ ସହିତ ୪.୫ ମିମି ଏୟାର ଗନ୍ ପିସ୍ତଲ, ଅଭିଯୁକ୍ତ ମଧୁସୂଦନ ବେହେରାଙ୍କଠାରୁ ୧୨ ରାଉଣ୍ଡ ବଲ୍ ଗୁଳି ଜବତ, ଗୋଟିଏ ଧଳା ରଙ୍ଗର ମାରୁତି ସ୍ୱିଫ୍ଟ ଡିଜାୟାର ଏବଂ କମାଣ୍ଡରଙ୍କ ଭାରତରେ ନିର୍ମିତ ୨୧ ଟି ଏୟାର ଗନ୍, ଗୋଟିଏ ଧଳା ରଙ୍ଗର ଇନୋଭା କାର, ଗୋଟିଏ ଧଳା ରଙ୍ଗର ଟୟୋଟା ଇଟିଓସ୍ କାର ଏବଂ ଅପରାଧ ସମୟରେ ଅଭିଯୁକ୍ତ ମଧୁସୂଦନ ବେହେରା ବ୍ୟବହୃତ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି। ଅଭିଯୁକ୍ତଙ୍କ ଅପରାଧିକ ମାମଲାରେ ଅଧିକ ତଥ୍ୟ ନିମନ୍ତେ ପୁଲିସ ତାଙ୍କୁ ପଚରାଉଚରା ଚଳାଇବା ପରେ କୋର୍ଟ ଚାଲାଣ କରିଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଇମେଲ୍: crpd@sbi.co.in

**ଆପ୍ରେଣ୍ଟିସେଶିପ୍ ଆକ୍ଟ 1961 ଅନୁଯାୟୀ ଏସ୍‌ବିଆଇରେ ଆପ୍ରେଣ୍ଟିସେସ୍ ନିଯୁକ୍ତି**
**(ବିଜ୍ଞାପନ ନଂ. CRPD/APPR/2026-27/07)**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଆପ୍ରେଣ୍ଟିସେସ୍ ନିଯୁକ୍ତି ପାଇଁ ଭାରତୀୟ ନାଗରିକଙ୍କ ଠାରୁ ଆବେଦନ ଗ୍ରହଣ କରାଯାଉଛି।

**ଆପ୍ରେଣ୍ଟିସେସ୍ ସଂଖ୍ୟା: 7150**
**ପ୍ରଶିକ୍ଷଣ ଅବଧି: ଗୋଟିଏ ବର୍ଷ**

*(ଯନ୍ତ୍ର: ଏହା ଶିକ୍ଷାନବିସ ଆଇନ 1961 ଅନୁଯାୟୀ ଏକ ତାଲିମ ସୁଯୋଗ ଏବଂ ନିଯୁକ୍ତିର ପ୍ରସ୍ତାବ ନୁହେଁଛ)*

ଯୋଗ୍ୟତା ମାନଦଣ୍ଡ (ବୟସ, ଶିକ୍ଷାଗତ ଯୋଗ୍ୟତା, ଦେୟ ଇତ୍ୟାଦି) ଏବଂ ଅନ୍ୟାନ୍ୟ ବିବରଣୀ ବିଜ୍ଞାପନ ନଂ. CRPD/APPR/2026-27/07 ଅଧୀନରେ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings କିମ୍ବା https://apprenticeshipindia.org କିମ୍ବା https://nsdcindia.org/apprenticeship କିମ୍ବା http://bfsissc.com ରେ ଅନଲାଇନ୍ ଆବେଦନ ଦାଖଲ ପାଇଁ ଏକ ଲିଙ୍କ୍ ସହିତ ଉପଲବ୍ଧ ଅଟେ।

ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି।

• **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 19.05.2026 ରୁ 08.06.2026**

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟରେ ଉପଲବ୍ଧ URL-https://sbi.bank.in/careers/post-your-query

**ସ୍ଥାନ:** ମୁମ୍ବାଇ
**ତାରିଖ:** 19.05.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**





‘ନିରଞ୍ଜନ ମକ୍‌ଟେଲ ଦରବାର’

# ଧୁ ଧୁ ଖରାରେ ଯୁବପିଢ଼ିଙ୍କ ଠିକଣା

ଭୁବନେଶ୍ୱର, ୨୧।୫(ସମିସ)

ରାଜଧାନୀରେ ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଖରାରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜନଜୀବନ। ସବୁଠି ଦେଖିବାକୁ ମିଳୁଛି ତାତିର ତାଉ। ଦିନ ୧୧ଟା ପରେ ଘରୁ ଗୋଡ କାଢିଲେ ଲୋକ ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟକୁ ଖୋଜୁଛନ୍ତି। ଏପରି ସମୟରେ ବିଶେଷକରି ଯୁବପିଢ଼ିଙ୍କୁ ବଡ଼ ବଡ଼ ତାରକା ହୋଟେଲ ଓ କାଫେ ଯାଇ ମୋଜିଟୋ ଓ ମକ୍‌ଟେଲ ପରି ଥଣ୍ଡା ପାନୀୟ ପିଇବା ସହ ସମୟ ବିତାଇବା ପସନ୍ଦ କରୁଛନ୍ତି।

**■ ଚାହିଦାରେ ମୋଜିଟୋ ଓ ବ୍ଲୁ ଲଗୁନ୍**

ଏବେ ଖରାଦିନ ପାଇଁ ଅଧିକା ଚାହିଦା ଦେଖିବାକୁ ମିଳେ। ଯେପରି ମକ୍‌ଟେଲ, ମୋଜିଟୋ ଏବଂ ସୋଡ଼ା। ସେଥିପାଇଁ ଏବେ ଯୁବପିଢୀଙ୍କ ଠିକଣା ପାଲଟିଛି ‘ନିରଞ୍ଜନ ମକ୍‌ଟଲେ ଦରବାର’। ଏହି ଦୋକାନ ବିମାନବନ୍ଦରର ପଛପଟ ରାସ୍ତା ତଥା ନୂଆ ଜାଗମରା ରାସ୍ତାରେ ରହିଛି। ଯେଉଁଠି ବିଭିନ୍ନ ଫଳରୁ ପ୍ରସ୍ତୁତ ମକ୍‌ଟେଲ, ମୋଜିଟୋ ଏବଂ ସୋଡ଼ା ଆଦି ଅନେକ ଭେରାଇଟି ଦେଖିବାକୁ ମିଳେ। ଏହି ସବୁ ଥଣ୍ଡା ପାନୀୟର ନାମ ଯେମିତି ଫ୍ୟାନସି ଏହାର ସାଜସଜ୍ଜା ମଧ ସେହିପରି କରାଯାଇଥାଏ। ଏସବୁର ମୂଲ୍ୟ ପ୍ରାୟ ସମସ୍ତ ତାରକା ହୋଟେଲ ଏବଂ କାଫେରେ ୨୦୦ ଟଙ୍କାରୁ ଆରମ୍ଭ ହୋଇ ୪ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ହେଲେ ଦୀର୍ଘ ୫ ବର୍ଷ ହେବ ନିରଞ୍ଜନ ତାଙ୍କର ଏହି ଥଣ୍ଡାପାନୀୟର ବ୍ୟବସାୟ ଆରମ୍ଭ କରିଛନ୍ତି। ଯେଉଁଠି ବଡ଼ ବଡ଼ ତାରକା ହୋଟେଲ ପରି ମକ୍‌ଟେଲ, ମୋଜିଟୋ ଓ ସୋଡା ବିକ୍ରି ହେଉଛି। ଏଠାରେ ମକ୍‌ଟେଲରେ ଗୋଲାପ, ପିଜୁଳି, ଲିଚି, ଆମ୍ବ, କମଳା, ନଡ଼ିଆ, ସପୁରୀ, ଚିକୁ, ମିକ୍ସ ଫ୍ରୁଟ୍, ମସ୍କମେଲନ, ତରଭୁଜ, କଞ୍ଚା ଆମ, ଷ୍ଟ୍ରବେରୀ, କ୍ଲାସିକ ଲାଇମ ରହିଛି। ସେହିପରି ମୋଜିଟୋରେ ବ୍ଲୁ ଲଗୁନ୍, ପିନାକୋଲାଡା, ପିଚ୍, ରସବେରୀ, ଓରିଜିନାଲ ମୋଜିଟୋ, ମିଣ୍ଟ, ଗ୍ରୀନ ମିଣ୍ଟ, ହ୍ୱାଇଟ ମୋଜିଟୋ, ହାଜେଲନଟ୍, ବ୍ଲୁ ମୋଜିଟୋ, ଗ୍ରୀନ୍ ଆପଲ୍, ମସାଲା, ଇରଶ କଫି, ଅଙ୍ଗୁର, କଞ୍ଚା ଆମ, ଲାଇମ, ପିଜୁଳି ଏବଂ ସୋଡାରେ ରହିଛି ଲେମ୍ବୁ ସରବତ, ମସାଲା ସୋଡ଼ା, ଫ୍ରେଶ ଲାଇମ ସୋଡ଼ା, ଗ୍ଲୁକୋଜ ଓ ଫୁଲଝରି ସୋଡ଼ା। ଏହି କେତେ ବର୍ଷ ବ୍ୟବସାୟରେ ତାଙ୍କର ଭଲ ଲାଭ ମିଳୁଥିବା ନିରଞ୍ଜନ କୁହନ୍ତି। ସାଧାରଣ ଲୋକଙ୍କ ପକ୍ଷେ ଏହାକୁ ତାରକା ହୋଟେଲ ଯାଇ ପିଇବା ସମ୍ଭବ ହୁଏନି। ତେଣୁ କମ୍ ମୂଲ୍ୟ ସାଙ୍ଗକୁ ତାରକା ହୋଟେଲ ପରି ସାଜସଜ୍ଜା ଓ ବିଭିନ୍ନ ଫଳର ସେହି ରସୁଆଳ ସ୍ୱାଦ ଏଠାରେ ଲୋକ ପାଇ ଯାଉଥିବାରୁ ପିଇବା ପାଇଁ ଲୋକଙ୍କ ଭିଡ ପରିଲକ୍ଷିତ ହେଉଛି। ଏହି ସମସ୍ତ ଥଣ୍ଡାପାନୀୟ ଭିତରୁ ବ୍ଲୁ ଲଗୁନ୍ ଲୋକ ବେଶୀ ପସନ୍ଦ କରୁଛନ୍ତି। ଏବେ ଖରା ଅଧିକ ହେଉଥିବାରୁ ଲୋକ ସେହି ବାଟ ଦେଇ ଗଲାବେଳେ ସେଠାରେ ଶୋଷ ମେଣ୍ଟେଇବା ପାଇଁ ଘଡ଼ିଏ ଅଟକି ଯାଉଥିବା ଦେଖିବାକୁ ମିଳୁଛି।




## +୨ ବିଜ୍ଞାନରେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା

ଭୁବନେଶ୍ୱର, ୨୧।୫(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷ +୨ ପରୀକ୍ଷାର ସମସ୍ତ ବିଭାଗର ଫଳାଫଳ ପ୍ରକାଶିତ ହୋଇଅଛି। ସାରା ରାଜ୍ୟରେ ବିଜ୍ଞାନ ବିଷୟରେ ୮୮.୮୦ପ୍ରତିଶତ ଫଳାଫଳ ହୋଇଥିବା ବେଳେ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ୯୭ପ୍ରତିଶତ ହୋଇ ବିଦ୍ୟାଳୟର ଗୌରବ ବଜାୟ ରହିଛି। ଉକ୍ତ ବିଦ୍ୟାଳୟର ମୋଟ ୨୩୪ ଛାତ୍ରଛାତ୍ରୀ +୨ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇ ୨୨୬ ଜଣ ସଫଳତାର ସହ ଉତ୍ତିର୍ଣ୍ଣ ହୋଇଛନ୍ତି। ତନ୍ମଧ୍ୟରୁ ୨୧୪ (୯୨ ପ୍ରତିଶତ) ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୨ (୫ପ୍ରତିଶତ) ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତିର୍ଣ୍ଣ ହୋଇଛନ୍ତି। ମୋଟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୩ ଜଣ ଛାତ୍ରଛାତ୍ରୀ ୯୦ପ୍ରତିଶତ ଉପରେ ନମ୍ବର ରଖିଥିବା ବେଳେ ୬୭ ଜଣ ଛାତ୍ରଛାତ୍ରୀ ୫୦୦ ଉପରେ ନମ୍ବର ରଖିଛନ୍ତି ଏବଂ ୯୩ ଜଣ ଛାତ୍ରଛାତ୍ରୀ ୮୦ପ୍ରତିଶତ ଉପରେ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଅନୁଷ୍ଠାନର ଛାତ୍ରୀ ରାଜଲକ୍ଷ୍ମୀ ନାୟକ ସର୍ବୋଚ୍ଚ ୫୭୮ ନମ୍ବର, ପ୍ରିୟବାଦିନୀ ସାହୁ ୫୭୭ ନମ୍ବର ଏବଂ ସୁରଜିତ୍ ସାହୁ ୫୭୬ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିବା କରିଛନ୍ତି। ଅଧ୍ୟକ୍ଷ ପ୍ରଫେସର ଡ. ତ୍ରିବିକ୍ରମ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନ, ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ରଙ୍କ ବଳିଷ୍ଠ ଦିଗଦର୍ଶନ ଯୋଗୁଁ ଏବର୍ଷର ଫଳାଫଳ ଅନୁଷ୍ଠାନର ଗୌରବ ବଜାୟ ରଖିବାରେ ସଫଳ ହୋଇଛି।



## ଅନ୍ତର୍ଜାତୀୟ କ୍ଲିନିକାଲ୍ ଟ୍ରାୟାଲ୍ ଦିବସରେ ରକ୍ତଦାନ ଶିବିର




ଭୁବନେଶ୍ୱର, ୨୧।୫(ସମିସ): ଅନ୍ତର୍ଜାତୀୟ କ୍ଲିନିକାଲ ଟ୍ରାଏଲ୍ସ ଦିବସ ଅବସରରେ ସିଆରଓ ଫାର୍ମାଟ୍ରେଣ୍ଡଜ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଇଣ୍ଡିଭର୍ଟସ୍ ଗ୍ଲୋବାଲ୍ ସିଆରଓ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ଓଡ଼ିଶା ବ୍ଲଡ ସେଣ୍ଟରର ସହଭାଗିତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ଋତୁରେ ହସ୍ପିଟାଲଗୁଡ଼ିକରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଆୟୋଜିତ ଏହି ରକ୍ତଦାନ ଶିବିରରେ ସ୍ୱାସ୍ଥ୍ୟକର୍ମୀ, ଗବେଷଣା କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ନାଗରିକମାନେ ଅଂଶଗ୍ରହଣ କରିଥିଲେ।

## ରୋଟାରୀଆନ ବିକ୍ରମାଦିତ୍ୟ ନାୟକଙ୍କୁ ‘ଶାନ୍ତିପଥ ସେବା ସମ୍ମାନ’

ଭୁବନେଶ୍ୱର, ୨୧।୫(ସମିସ): ‘ଶାନ୍ତିପଥ’ର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅଧ୍ୟକ୍ଷ, ପ୍ରତିଷ୍ଠାତା ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ, ସ୍ତମ୍ଭକାର ପ୍ରହ୍ଲାଦ ସିଂ, ବିଶିଷ୍ଟ ସମାଜସେବୀ ଡାକ୍ତର ବିଶ୍ୱନାଥ ପଟ୍ଟନାୟକ ଯୋଗ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ସଂଯୋଜକ ଅରବିନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ରୋଟାରୀୟାନ ବିକ୍ରମାଦିତ୍ୟ ନାୟକଙ୍କୁ ‘ଶାନ୍ତିପଥ ସେବା ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା। ଏହାସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ଗରିବ, ମେଧାବୀ ବିଦ୍ୟାର୍ଥୀଙ୍କୁ ‘ଶାନ୍ତିପଥ ଶିକ୍ଷାଜ୍ୟୋତି ସମ୍ମାନ’ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ସୀତାଂଶୁ ଶେଖର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରମେଶ କୁମାର ମହାପାତ୍ର, ମଦନ ମୋହନ ପାଢ଼ୀ, ସତ୍ୟବ୍ରତ ଜେନା, ସହିତ ଶାନ୍ତିପଥ ପରିବାର ସଦସ୍ୟ ପରିଚାଳନା କରିଥିଲେ।

## ସ୍କାଉଟ୍‌ସ ଓ ଗାଇଡ୍‌ସର ରାଜ୍ୟ ପୁରସ୍କାର ଉତ୍ସବ



ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଆଣ୍ଡ ଗାଇଡ୍‌ସ ର ରାଜ୍ୟ ପୁରସ୍କାର ପ୍ରଦାନ ଉତ୍ସବ ଲୋକଭବନର ନୂଆ ଅଭିଷେକ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮୦୦ରୁ ଊର୍ଦ୍ଧ୍ୱ ସ୍କାଉଟ୍, ଗାଇଡ୍, ରୋଭର, ରେଞ୍ଜର, କବ୍, ବୁଲ୍‌ବୁଲ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପଟେନଙ୍କ ସମେତ ପ୍ରତ୍ୟେକ ଜିଲ୍ଲାର ସମସ୍ତ ଶିକ୍ଷା ପଦାଧିକାରୀ ଯୋଗ ଦେଇଥିଲେ। ସମାରୋହରେ ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ରାଜ୍ୟ କମିସନର (ଗାଇଡ୍) ଡ. ସିପ୍ରା ନାୟକ, ରାଜ୍ୟ କମିସନର (ଆଡଲ୍ଟ ରିସୋର୍ସ) ଶୁଭଶ୍ରୀ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ଜିଲ୍ଲା ସ୍କାଉଟ ଗାଇଡ୍ ସମାବେଶ ପାଇଁ ଏବଂ ସ୍କାଉଟ ଗାଇଡ୍‌ରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଏବଂ ସ୍କାଉଟ ମାଷ୍ଟର, ଗାଇଡ୍‌କ୍ୟାପଟେନ୍ ମାନଙ୍କୁ ମାନ୍ୟବର ରାଜ୍ୟପାଳ ପୁରସ୍କୃତ କରିଥିଲେ।

## ରେଳ ଶ୍ରମିକ ନେତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭୁବନେଶ୍ୱର, ୨୧।୫(ସମିସ): ସିଆଇଟିୟୁ ରାଜ୍ୟ ଦପ୍ତର ‘ଶ୍ରମିକ ଭବନ’ ମୁଖ୍ୟ ଦ୍ୱାର ଠାରେ ଶ୍ରମିକ ନେତା ଅଜିତେନ୍ଦ୍ର ନାଥ ଦାସଙ୍କ ପ୍ରତିମୂର୍ତ୍ତି ସିଆଇଟିୟୁର ରାଜ୍ୟ ସଭାପତି ଏବଂ ବାମପନ୍ଥୀ ନେତା ସାଥୀ ଜନାର୍ଦ୍ଦନ ପତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଶ୍ରୀ ଦାସ ରାଜ୍ୟରେ ଲଢୁଆ ଶ୍ରମିକ ଆନ୍ଦୋଳନ ଗଢ଼ିତୋଳିବା ନିମନ୍ତେ ଏକ ଦୃଢ଼ ଅଫିସ ଗୃହ ନିର୍ମାଣ ପାଇଁ ପ୍ରୟାତ ସାଥୀ ବିଷ୍ଣୁ ମହାନ୍ତିଙ୍କୁ କହି ନିଜର କଷ୍ଟ ଲବ୍‌ଧ ମୂଲ୍ୟବାନ ସମ୍ପତ୍ତିକୁ ନିଜ ସନ୍ତାନ ମାନଙ୍କୁ ଅଧେ ଏବଂ ସିଟୁକୁ ଅଧେ ଜମି ବାଣ୍ଟି କରି ଦାନ କରିଦେଇଥିଲେ। ତାଙ୍କର ଏହି ଅବଦାନ ଓ ତ୍ୟାଗକୁ ସବୁଦିନେ ସ୍ମରଣ କରିବାକୁ ତାଙ୍କର ପ୍ରତିମୂର୍ତ୍ତି ଅନାବରଣ ହେଲା। ସିଟୁ ରାଜ୍ୟକମିଟି ମରଣତ୍ତର ଭାବରେ ତାଙ୍କୁ ଏବଂ ତାଙ୍କ ପରିବାରକୁ କୃତଜ୍ଞତା ଜଣାଉଛି। କାର୍ଯ୍ୟକ୍ରମରେ ତାଙ୍କ ପୁତ୍ର ସନ୍ତୋଷ ଦାସ ଏବଂ ପୁତ୍ରବଧୂ ଉପସ୍ଥିତ ଥିଲେ। ସିଟୁର ରାଜ୍ୟ ନେତୃତ୍ୱ ଦୁଷ୍ମନ୍ତ ଦାସ, ଉଲ୍ଲାସ ସ୍ୱାଇଁ, ବିମାନ ମାଇତି ପ୍ରମୁଖ ବହୁ ନେତୃତ୍ୱ ଓ କର୍ମୀ ଯୋଗ ଦେଇଥିଲେ।

## ଟିଜି ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ଦହି ସରବତ ବଣ୍ଟନ




ଭୁବନେଶ୍ୱର, ୨୧।୫(ସମିସ): ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟିଜି ସୁରକ୍ଷା ଟ୍ରଷ୍ଟ ତରଫରୁ ନୂଆପଲ୍ଲୀ ଟ୍ରାଫିକ ଛକଠାରେ ଦିବା ୧୧ରୁ ୨ଟା ପର୍ଯ୍ୟନ୍ତ ଦହି ସରବତ ଏବଂ ଓଆରଏସ୍ ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ମୁଣ୍ଡରେ ସଫା କପଡ଼ା, ସାଥୀରେ ପାଣି ନେଇ ବାହାରକୁ ବାହାରିବା ପାଇଁ ସଚେତନ କରାଯାଇଥିଲା। ଏଥିସହିତ ରାସ୍ତାରେ ପଥଚାରୀ ଅସୁସ୍ଥତା ଅନୁଭବ କଲେ ସଙ୍ଗେ ସଙ୍ଗେ ମେଡ଼ିକାଲ ପଠାଇବା ପାଇଁ ଆମ୍ବୁଲାନ୍ସର ବ୍ୟବସ୍ଥା କରିବାକୁ ଯୋଜନା କରାଯାଇଛି। ଟିଜି ସୁରକ୍ଷା ଟ୍ରଷ୍ଟର ସଭାପତି ମେନକା ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ସଦାଶିବ ବେହେରା, ଜମ୍ବେଶ୍ୱର ବିଶ୍ୱାଳ, ପ୍ରତାପ କୁମାର ସାହୁ, ରିଆ କିନ୍ନର, ସୋନାଲି କିନ୍ନର ପ୍ରମୁଖ ଉପସ୍ଥିତ ରହି ପଥଚାରୀମାନଙ୍କୁ ଦହି ସରବତ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରାଫିକ ପୋଲିସ୍ ଅଫିସରମାନେ ଉପସ୍ଥିତ ଥିଲେ।

## ପ୍ରଫେସର କରୁଣାସାଗର ବେହେରାଙ୍କ ଶ୍ରାଦ୍ଧୋତ୍ସବ



ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଶାର ପ୍ରତିଷ୍ଠିତ ଐତିହାସିକ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର କରୁଣାସାଗର ବେହେରାଙ୍କର ଅଷ୍ଟାଦଶ ଶ୍ରାଦ୍ଧୋତ୍ସବ ଗୁରୁବାର ପ୍ରତିଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଆଇଏଏସ୍ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପୂଜ୍ୟପୂଜା ସମାରୋହରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ମୁଖ୍ୟଅତିଥି ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଯୋଗ ଦେଇଥିଲେ। ତାଙ୍କର ଇଂରାଜୀ ଭାଷାରେ ଲିଖିତ ‘କୋଣାର୍କ’ ଓ ‘ଲିଙ୍ଗରାଜ ମନ୍ଦିର’ ପୁସ୍ତକ କେବଳ ଇତିହାସ ଦୃଷ୍ଟିରୁ ନୁହେଁ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ଏକ ଅନନ୍ୟ ଅବଦାନ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଅରୁଣ କୁମାର ନାୟକ ସ୍ୱାଗତ ସୂଚନା ଦେଇଥିବାବେଳେ ଯୁଗ୍ମସମ୍ପାଦକ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ସୁଶ୍ରୀ ଗାୟତ୍ରୀ ଦାସ ସ୍ୱାଗତ ସଙ୍ଗୀତ, ଡାକ୍ତର ଜୀବନ କୁମାର ମିଶ୍ର ଓ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦ ପାଠ କରିଥିଲେ। ପରିଶେଷରେ ନିର୍ମଳ କୁମାର ମହାପାତ୍ର ଧନ୍ୟବାଦାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଅନାମ ବେହେରା, ରକ୍ଷକ ନାୟକ, ଡ. ବିବେକାନନ୍ଦ ପାଣିଗ୍ରାହୀ, ଜଗତ ଚନ୍ଦ୍ର ଦାସ ଏହି ପୂଜ୍ୟପୂଜା ସମାରୋହରେ ଉପସ୍ଥିତ ଥିଲେ।

## ଛାଡ଼ି ଚାଲିଗଲେ ଧରଣୀ ରାଉତ



ନନ୍ଦନକାନନ, ୨୧।୫(ସମିସ): କଳାରାହାଙ୍ଗର ଧରଣୀଧର ରାଉତ(୮୨)ଙ୍କ ପରଲୋକ ହୋଇଛି। ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କଠାରୁ ଜାଣିବାକୁ ମିଳିଛି। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ବେଳେ କନିଷ୍ଠ ପୁତ୍ର ପ୍ରଶାନ୍ତ ରାଉତ ମୁଖାଗ୍ନି ଦେଇଥିଲା ବେଳେ ଜ୍ୟେଷ୍ଠ ପୁତ୍ର ବିକ୍ରମ ରାଉତ, ମଧ୍ୟମା ପୁତ୍ର ସଂଗ୍ରାମ ରାଉତ, ବନ୍ଧୁ ପରିବାର ଜନ ସାଥିରେ ଥିଲେ। ପଟିଆ ଷ୍ଟେସନ ରୋଡରେ ଥିବା ଦୋକାନୀ ସଙ୍ଘ ତରଫରୁ ଦୋକାନ ବଜାର ବନ୍ଦ ରଖାଯାଇଥିଲା।

## କିଟ୍ ଓ ସୋୱାଟେକ୍ ମଧ୍ୟରେ ବୁଝାମଣା

**ଟିଭିଏସ୍‌ରେ କିଟ୍‌ରୁ ୪୦ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ**

ଭୁବନେଶ୍ୱର, ୨୧।୮(ସମିସ): ପ୍ରତିଭା ବିକାଶ, ନବସର୍ଜନା ଏବଂ ବୈଶ୍ୱିକ ପ୍ରତିଯୋଗିତାକୁ ଗୁରୁତ୍ୱ ପ୍ରଦାନ କରି ଶିଳ୍ପ ସମନ୍ୱୟ ପାଇଁ କିଟ୍ ଏବଂ ତାମିଲନାଡୁର ଏବିଆଇ ସୋୱାଟେକ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣା ଅନୁସାରେ, ପ୍ରଥମ ପର୍ଯ୍ୟାୟରେ କିଟ୍‌ର ୪୦ ଜଣ ଆଇଟିଆଇ ଓ ଡିପ୍ଲୋମା ଛାତ୍ରଛାତ୍ରୀ ଟିଭିଏସ୍ କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହି ଛାତ୍ରମାନେ ଶିଳ୍ପ ସଂସ୍ଥାରେ କାମ କରିବାର ଅଭିଜ୍ଞତା ହାସଲ କରିବା ସହ ଏବିଆଇର ପୁଲିଭାଲମ୍ ଉତ୍ପାଦନ କେନ୍ଦ୍ରରେ ଇଣ୍ଟର୍ନସିପ୍ କରିବା ସହ ସେଠାରେ ନିଯୁକ୍ତି ପାଇବେ। ପରେ ସେମାନଙ୍କୁ ଓଡିଶାରେ ହେବାକୁ ଥିବା ଟିଭିଏସ୍ କମ୍ପାନୀର ପ୍ରକଳ୍ପରେ ଅବସ୍ଥାପିତ କରାଯିବ। ଇଣ୍ଟର୍ନସିପ ସମୟରେ ରହିବା, ଖାଇବା ସୁବିଧା ସହ ମାସିକ ୨୦ ହଜାର ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନର ବ୍ୟବସ୍ଥା ରହିଛି। ଏବିଆଇ ସୋୱାଟେକ୍ (ଇଣ୍ଡିଆ) ଲିମିଟେଡ୍ ଟିଭିଏସ୍ ଗ୍ରୁପ୍‌ର ସହ ଜଡିତ ଏକ ଅଂଶୀଦାର କମ୍ପାନୀ। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିଟ୍ ସର୍ବଦା ପ୍ଲେସ୍‌ମେଣ୍ଟ ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇଆସିଛି। ଫଳରେ ଭାରତୀୟ ଓ ବହୁଦେଶୀୟ କମ୍ପାନୀମାନେ କିଟ୍‌ରୁ ଛାତ୍ରଛାତ୍ରୀଙ୍କୁ ମନୋନୀତ କରି ପ୍ଲେସ୍‌ମେଣ୍ଟ ଦେଇଥାନ୍ତି। ଏହି ବୁଝାମଣା ଉତ୍ପାଦନ ପ୍ରକ୍ରିୟା, ସାମଗ୍ରୀ ଇଞ୍ଜିନିୟରିଂ ଏବଂ ଯୋଗାଣ ଶୃଙ୍ଖଳା ନବସର୍ଜନାର ଅପ୍‌ଟିମାଇଜେସନ୍ ଉପରେ କେନ୍ଦ୍ରିତ ପ୍ରୟୋଗିକ ଗବେଷଣାକୁ ପ୍ରାଥମିକତା ଦେବା ଏହି ସହଯୋଗର ପ୍ରାଥମିକ ଉଦ୍ଦେଶ୍ୟ ହେବ। ଏହି ସହଭାଗିତା ଘନିଷ୍ଠ ଶିଳ୍ପ ସଂଯୋଗ ସ୍ଥାପନ କରି ଦକ୍ଷତା ବିକାଶକୁ ପ୍ରୋତ୍ସାହିତ କରିବା ସହ ଗବେଷଣା ପାଇଁ ସୁଯୋଗ ସୃଷ୍ଟି କରି ଉଭୟ ପ୍ରତିଷ୍ଠାନକୁ ଲାଭବାନ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଉପସଭାପତି ଡ. ଅଜୟ ପ୍ରଧାନ, ଏବିଆଇ ସୋୱାଟେକ୍ ଚେୟାରମ୍ୟାନ୍ ଆର ରାମାନୁଜାମ, ଡିନ୍ ଡ. ପିସି ମିଶ୍ର, ନିର୍ଦ୍ଦେଶକ ଡ. ବେଣୁଗୋପାଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ‘ସମଗ୍ର ସହର ବିକାଶ’ କର୍ମଶାଳା



ଭୁବନେଶ୍ୱର, ୨୧।୫(ସମିସ): ଆଇନା ଫାଉଣ୍ଡେସନ୍ ବଟନାର୍ ଦ୍ୱାରା ସମର୍ଥିତ ହେଲଦି ସିଟିଜ୍ ଫର୍ କିଶୋରସେନାସ୍ ପଦକ୍ଷେପ ମାଧ୍ୟମରେ ଡବ୍ଲୁଆରଆଇ ଇଣ୍ଡିଆ ସହଭାଗୀତାରେ ‘ସମଗ୍ର ସହର ବିକାଶ: ଏକ ମୂଲ୍ୟାୟନ ଉପକରଣକୁ ସ୍କେଲିଂ ଏବଂ ଅନ୍ତର୍ଭୁକ୍ତ ସାର୍ବଜନୀନ ସୁବିଧା ଡିଜାଇନ୍ କରିବା’ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭିନକ୍ଷମ ଆୟୁକ୍ତ ବ୍ରତତି ହରିଚନ୍ଦନ ଯୋଗ ଦେଇଥିଲେ। କର୍ମଶାଳାରେ ବିଏମ୍‌ସି ସମେତ ବିଭିନ୍ନ ସରକାରୀ ବିଭାଗର ପ୍ରତିନିଧି, ସହରାଞ୍ଚଳ ଅଭ୍ୟାସକାରୀ, ନାଗରିକ ସମାଜ ସଂଗଠନ ଅଂଶଗ୍ରହଣ କରି ସହରାଞ୍ଚଳ ବିକାଶ ଏବଂ ସାର୍ବଜନୀନ ସ୍ଥାନରେ ପହଞ୍ଚିବା ଉପରେ ବିଚାର ବିମର୍ଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭିନକ୍ଷମ ଉପସଚିବ ସନ୍ୟାସୀ ବେହେରା, ଆଇନା ସମ୍ପାଦିକା ସ୍ନେହ ମିଶ୍ର, ଧ୍ୱନି ଫିଲ୍ମ ଫେଷ୍ଟିଭାଲ ଅଧ୍ୟକ୍ଷ ତଥା ଭିନକ୍ଷମ ସାମାଜିକ କର୍ମୀ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବସନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଡାଇଗ୍ନୋଷ୍ଟିକ୍ ଅଟୋମେସିନ ଏବଂ ଆଣ୍ଟିମାଇକ୍ରୋବିଆଲ୍ ଷ୍ଟେୱାର୍ଡସିପ୍’ କର୍ମଶାଳା

ଭୁବନେଶ୍ୱର, ୨୧।୫(ସମିସ): ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ-୨ ଫୁଲନଖରା ଅଧୀନସ୍ଥ ମାଇକ୍ରୋବାୟୋଲୋଜି ବିଭାଗ ପକ୍ଷରୁ ‘ଡାଇଗ୍ନୋଷ୍ଟିକ୍ ଅଟୋମେସିନ ଏବଂ ଆଣ୍ଟି ମାଇକ୍ରୋବିଆଲ୍ ଷ୍ଟେୱାର୍ଡସିପ୍’ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ଆଡିସ୍‌ନାଲ୍ ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ତାପସୀ ପତି, ଲାବୋରେଟୋରୀ ନିର୍ଦ୍ଦେଶକ ତଥା ମାଇକ୍ରୋବାୟୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଦେବାଶିଷ ସାହୁ ପ୍ରମୁଖ ଯୋଗ ଦେଇ ସ୍ମାର୍ଟ ଡାଇଗ୍ନୋଷ୍ଟିକ୍ ମାଧ୍ୟମରେ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷତା ଆଣିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ସମସ୍ତ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

**ସମ୍ପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ପାଇଁ ଆନ୍ଦୋଳନ ତେଜିଲା**

# ‘ମାତୃସମାଜକୁ ବିଜେପି ସରକାରଙ୍କ ଧୋକା’

ଭୁବନେଶ୍ୱର, ୨୧।୫(ସମିସ): ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଲକ୍ଷ୍ୟରେ ଗୁରୁବାର ଲୋହିଆ ଏକାଡେମୀ ଠାରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୋନାର ସଭାପତି ପଦ୍ମଚରଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ମୋନା କାର୍ଯ୍ୟକର୍ତ୍ତା ମାନେ ସାମିଲ ହୋଇ ସମବେତ ଭାବେ ରାଜ୍ୟ ସରକାରଙ୍କ ମଦ ନୀତିକୁ ତୀବ୍ର ବିରୋଧ ଓ ସମାଲୋଚନା କରିଥିଲେ। ସୂଚନା ଅନୁସାରେ, ମଦ ବନ୍ଦ କରିବ ଯିଏ ଆମର ଭୋଟ ପାଇବ ସିଏ ଆନ୍ଦୋଳନ ଯେତେବେଳେ ରାଜ୍ୟରେ ତୀବ୍ର ହେଲା ସେହି ସମୟରେ ବିଜେପି ଦଳ ତାର ନିର୍ବାଚନ ଇସ୍ତାହାରରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ନିମନ୍ତେ ଦୃଢ ପ୍ରତିଶ୍ରୁତି ଦେଇଥିଲା। ହେଲେ ପରିତାପର ବିଷୟ ଏବେ ବିଜେପି ସରକାର ଓଡ଼ିଶାର ମାତୃସମାଜକୁ ବିଶ୍ୱାସଘାତ କରି ଲୁଚେଇ ଲୁଚେଇ ବହୁ ମଦ ଦୋକାନ ଖୋଲିବାକୁ ମସୁଧା କରିବା ସହ ଏନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି। ଆସନ୍ତା ଜୁନ୍ ୧୨ ତାରିଖରେ ସରକାର ଦୁଇବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଗୋପନୀୟ ଭାବେ ଅଧିକରୁ ଅଧିକ ମଦ ଦୋକାନ ଖୋଲିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ଆସନ୍ତା ପଞ୍ଚାୟତ ନିର୍ବାଚନ ସୁଦ୍ଧା ଯଦି ସରକାର ମଦ ବନ୍ଦ ନକରନ୍ତି ତେବେ ଗ୍ରାମ ଠାରୁ ରାଜଧାନୀ ପର୍ଯ୍ୟନ୍ତ ପ୍ରବଳ ଜନ ଆନ୍ଦୋଳନ କରାଯିବ। କିପରି ସମ୍ପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ଘୋଷଣା କରିବା ପାଇଁ ସରକାର ନିଷ୍ପତ୍ତି ନେବେ ସେଥିପାଇଁ କାର୍ଯ୍ୟ ଖସଡ଼ା ସର୍ବସମ୍ମତ ଭାବେ ସ୍ଥିର କରାଗଲା। ସରକାରଙ୍କ ୧୨ ଜୁନରେ ଦୁଇ ବର୍ଷ ପୂର୍ତ୍ତି ଅବସରରେ, ସେହିଦିନ ଠାରୁ ମଦମୁକ୍ତ ଓଡ଼ିଶା ଘୋଷଣା ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ପ୍ରତିଦିନ କଳାପତାକା ଅଭିଯାନ କାର୍ଯ୍ୟକ୍ରମ ଚାଲୁ କରାଯିବ। ଏହାସହ ଗ୍ରାମ ଠାରୁ ଜିଲ୍ଲା, ବ୍ଲକ, ପଞ୍ଚାୟତସ୍ତର ପର୍ଯ୍ୟନ୍ତ ସଂଗଠନକୁ ମଜବୁତ କରିବା ପାଇଁ ବିଭିନ୍ନ ଗାନ୍ଧିବାଦୀ ପନ୍ଥା ଅବଲମ୍ବନ କରାଯିବ। ଆସନ୍ତା ଜୁନ୍ ୧୨ତାରିଖରେ ପ୍ରତି ଜିଲ୍ଲା କାର୍ଯ୍ୟାଳୟରେ ସତ୍ୟାଗ୍ରହ ପ୍ରଭୃତି କାର୍ଯ୍ୟକ୍ରମ ମାନ କରି ଏହି ଆନ୍ଦୋଳନକୁ ଅଧିକରୁ ଅଧିକ ତେଜିୟାନ କରାଯିବ। ଅଭିଯାନର ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଅଦ୍ୱୈତ ପାତ୍ର, ମଳୟ ତ୍ରିପାଠୀ, ଶୁଭେନ୍ଦୁ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।



